ଧରିତ୍ରୀ
DHARITRI
April 4-10, 2021 ₹ 2/-

ଛୁଟିଦିନ



# ବଦଳୁଛି ମଶାଣି ରୂପ

୩
ପ୍ରଚ୍ଛଦ ପ୍ରସଙ୍ଗ

ମଶାଣି କଥା ମନପଡ଼ିଲେ ଆଖି ସମ୍ମୁଖରେ ନାଚିଉଠେ ଗାଁଠାରୁ ଅନତି ଦୂର ଶୂନଶାନ୍ ପ୍ରାନ୍ତରରେ ଥିବା ମଶାଣିର ଦୃଶ୍ୟ। କିନ୍ତୁ ଏମିତି ବି ଅନେକ ମଶାଣି ଅଛି, ଯାହାକୁ ଦେଖିଲେ ଭ୍ରମ ସୃଷ୍ଟି ହେବ ଯେ, ଏ ମଶାଣି ନା ଉପବନ...




ସହରଠୁ ଦୂର ୧୩

୮/୯
ସିନେମା

# ବ୍ୟବସାୟରେ ଉନ୍ନତି ଚାହୁଁଥିଲେ

**ବ୍ୟବସାୟରେ ଉନ୍ନତି ପାଇଁ ଅନେକ ବାସ୍ତୁଟିପ୍ସ ରହିଛି। ଏହି ଟିପ୍ସଗୁଡ଼ିକୁ ଉପଯୋଗ କରିବା ଦ୍ୱାରା ସକାରାତ୍ମକ ଉର୍ଜା ଉତ୍ପନ୍ନ ହୋଇ ବ୍ୟବସାୟକୁ ସଫଳ କରିବାରେ ବିଶେଷ ସହାୟକ ହୋଇଥାଏ ବୋଲି ବିଶ୍ୱାସ କରାଯାଇଥାଏ...**

- ଯେଉଁମାନେ ନୂଆ ନୂଆ ବ୍ୟବସାୟ କରୁଛନ୍ତି କିମ୍ବା ଯେଉଁମାନେ ବ୍ୟବସାୟରେ କ୍ଷତି ସହି ଚାଲିଛନ୍ତି, ସେମାନେ ଚାହିଁଲେ ଅଫିସ୍‌ରେ ତାଙ୍କ ସିଟ୍ ପଛପଟ କାନ୍ଥରେ ପାହାଡ଼ର କୌଣସି ଫଟୋ ଲଗାଇପାରିବେ। କୁହାଯାଏ ଉଚ୍ଚ ପାହାଡ଼ର ଫଟୋ ଲଗାଇବା ଦ୍ୱାରା ବ୍ୟବସାୟର ଗତି ଉର୍ଦ୍ଧ୍ୱଗାମୀ ହୋଇଥାଏ।
- ବାସ୍ତୁଶାସ୍ତ୍ରରେ ବାମ୍ବୋ ପ୍ଲାଣ୍ଟକୁ ବି ଶୁଭ ବୋଲି ଧରାଯାଇଥାଏ। କୁହାଯାଏ, ଏହାଦ୍ୱାରା ଧନ ଲାଭ ହେବା ସହିତ ଅଫିସ୍‌ରେ ସକାରାତ୍ମକ ଉର୍ଜା ଉତ୍ପନ୍ନ ହୋଇଥାଏ। ବ୍ୟବସାୟରେ ଉନ୍ନତି ପାଇଁ ଆପଣ ଚାହିଁଲେ ଅଫିସ୍‌ରେ ବାମ୍ବୋ ପ୍ଲାଣ୍ଟ ଲଗାଇପାରିବେ।



- ବ୍ୟବସାୟରେ ଲାଭ ପାଇଁ ଲକି ବିଲ୍ଲୀର ଷ୍ଟାଚ୍ୟୁକୁ ବି ଅଫିସ୍‌ରେ ରଖିପାରିବେ। ଫେଙ୍ଗଶୁଇରେ ମଧ୍ୟ ଏହି ଉପାୟକୁ ବହୁତ ଶୁଭ ବୋଲି ଧରାଯାଇଥାଏ।
- ବାସ୍ତୁଶାସ୍ତ୍ରରେ କଏନ୍ ପ୍ଲାଣ୍ଟକୁ ଧନପ୍ରାପ୍ତିର ପ୍ଲାଣ୍ଟ ବୋଲି କୁହାଯାଇଥାଏ। ଯଦି ବ୍ୟବସାୟରେ ବାରମ୍ବାର କ୍ଷତି ହେଉଥାଏ, ତା'ହେଲେ ଅଫିସ୍ ଟେବୁଲ୍ ଉପରେ ଗୋଟିଏ କଏନ୍ ପ୍ଲାଣ୍ଟ ରଖିବା ସହ ଏହାର ସଫାସୁତୁରା ପ୍ରତି ଯଥେଷ୍ଟ ଧ୍ୟାନ ଦେଲେ ବ୍ୟବସାୟରେ ଲାଭ ହୋଇଥାଏ ବୋଲି ବିଶ୍ୱାସ ରହିଛି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଏପ୍ରିଲ ୪-୧୦

**ମେଷ**: କର୍ମଜଞ୍ଜାଳ ବୃଦ୍ଧି, ଆର୍ଥିକ ଉନ୍ନତି, ପାରିବାରିକ ମତଭେଦ, ସୌହାର୍ଦ୍ଦ୍ୟହାନି ଘଟିବ। ସାହାଯ୍ୟ ସହଯୋଗ ପାଇବେ। ପରିବହନରେ ବଚସା, ନିର୍ମାଣରେ ବିଳମ୍ବ, ପ୍ରଶାସନିକ ଅସ୍ଥିରତା, ଶୁଭଖବର ପ୍ରାପ୍ତି।

**ବୃଷ**: କାର୍ଯ୍ୟ ସିଦ୍ଧି, ନୂତନ ଯୋଜନାରେ କୁଶଳ, ଦୈହିକ ସୁସ୍ଥତା, ମାନସିକ ଅସ୍ଥିରତା। ଭୁଲ୍ ବୁଝାମଣାରୁ ପାରିବାରିକ କଳହ, ସାମାଜିକ ସ୍ତରରେ ପ୍ରଶଂସା, ପ୍ରକାଶନରେ ସମସ୍ୟା, ଦୂରଯାତ୍ରା ପାଇଁ ପ୍ରସ୍ତୁତି।

**ମିଥୁନ**: ଶାରୀରିକ ଅସୁସ୍ଥତା, ପର ଉପରେ ନିର୍ଭରଶୀଳ, କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ। ପାରିବାରିକ ଅସ୍ଥିରତା, ବନ୍ଧୁଙ୍କ ଶତ୍ରୁତା, ଉପରିସ୍ଥଙ୍କୁ କୈଫିୟତ, ସଭାସମିତିରୁ ପ୍ରଶଂସା, ଶତ୍ରୁ ଉପଦ୍ରବ କମିବ, ଦ୍ରବ୍ୟଲାଭରୁ ଖୁସୀ।

**କର୍କଟ**: ଆଶା ପୂରଣ, ମିତ୍ରଙ୍କ ସହଯୋଗ, ଅର୍ଥନୈତିକ ଅଭିବୃଦ୍ଧି। କଳାନୁରାଗୀ ହେବେ, ବନ୍ଧୁଗୃହକୁ ଯାତ୍ରା। ଆନୁଷ୍ଠାନିକ କାମ, ବକେୟା ଅର୍ଥ ଆଦାୟ, ଯୋଜନାରେ ସଫଳତା, ବନ୍ଧୁ ଭୁଲ୍ ବୁଝିବେ, ନୂତନ ନିଯୁକ୍ତି ଖବର ପ୍ରାପ୍ତି।

**ସିଂହ**: ପାରିବାରିକ ସୌଖ୍ୟ, ଭ୍ରାତୃ ସମ୍ପର୍କରେ ଉନ୍ନତି, କର୍ମକ୍ଷେତ୍ରରେ ଗୌରବ, ପରିବାରରେ ବନ୍ଧୁମିଳନ, ନୂତନ ବନ୍ଧୁତ୍ୱ ଲାଭ, ସଭାସମିତିରେ ସମ୍ମାନ। ଆର୍ଥିକ ସ୍ଥିତି ବଦଳିବ, ନୂତନ ଯାନବାହନ କ୍ରୟ।

**କନ୍ୟା**: ଯାତ୍ରାରେ ସଫଳତା, ପଡ଼ୋଶୀଙ୍କ ସାହାଯ୍ୟ, ଭ୍ରମଣ ସୁଯୋଗ ପାଇବେ, କର୍ମକ୍ଷେତ୍ରରେ ସମସ୍ୟା, ଧନହାନିରୁ ମନ ଦୁଃଖ, ପରିବାରରେ କଳହ, ପରୋକ୍ଷ ଶତ୍ରୁତା, ଋଣସୂତ୍ରରେ ଅର୍ଥଲାଭ, ମଙ୍ଗଳୋତ୍ସବର ପ୍ରସ୍ତୁତି, କାରବାରରେ ଉନ୍ନତି ଘଟିବ।

**ତୁଳା**: ସ୍ୱାସ୍ଥ୍ୟରେ ଉନ୍ନତି, ସମସ୍ୟା ସମାଧାନ, ଅର୍ଥ ସଂକଟ ଦୂର ହେବ। କାମ ସ୍ଥଗିତ ରହିବନି, ଧର୍ମାନୁଷ୍ଠାନ କାର୍ଯ୍ୟ, ଆଶାପୂରଣ ହେବ, ଦୂରଯାତ୍ରା ସଫଳ ହେବ, ମନୋରଞ୍ଜନରେ ରୁଚି, ମିତ୍ରବନ୍ଧୁ ମିଳନ, ଶିକ୍ଷାରେ ଏକାଗ୍ରତା, ସନ୍ତାନଙ୍କ ଗୌରବବୃଦ୍ଧି।

**ବିଛା**: ଅସଫଳତାରୁ କ୍ଷୋଭ, କାର୍ଯ୍ୟରେ ବାଧାବିଘ୍ନ, ବନ୍ଧୁଙ୍କ ଅସହଯୋଗ, ସ୍ୱାସ୍ଥ୍ୟ ସମସ୍ୟାରୁ ଟେନ୍‌ସନ, କଳା ସାହିତ୍ୟରେ ସମ୍ମାନ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା। ପାରିବାରିକ ସୌଖ୍ୟ, ନୂତନ ମିତ୍ରତା, ତୀର୍ଥାଟନ କରିପାରନ୍ତି।

**ଧନୁ**: ଉନ୍ନତ ଚିନ୍ତା ଓ ଯୋଜନା, ପାରିବାରିକ ସହମତି, ଯାତ୍ରାରେ ସଫଳତା। ସମସ୍ୟା ସମାଧାନ, ଭ୍ରମଣ ଓ କାର୍ଯ୍ୟସିଦ୍ଧି, ଅବରୋଧ ହଟିଯିବ, ସଙ୍ଗୀତ-କ୍ରୀଡ଼ାରେ ସଫଳତା। ମନ ଭାରାକ୍ରାନ୍ତ ରହିବ, ପ୍ରାପ୍ୟ ଧନରେ ବାଧା।

**ମକର**: ସୁସମ୍ପର୍କରେ ଝଗଡ଼ା, ପାରିବାରିକ କଳହ, ପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟ। ସମ୍ମାନିତ ହେବେ, ଧନହାନି ଘଟିପାରେ, ଯାନବାହନ ଲାଭ, ବନ୍ଧୁଙ୍କ ବିରୋଧାଚରଣ। ସରକାରୀ ସାହାଯ୍ୟ, ନେତୃତ୍ୱରୁ ପ୍ରଶଂସା।

**କୁମ୍ଭ**: କାର୍ଯ୍ୟହାନି, ଶତ୍ରୁତା ବୃଦ୍ଧି, ଅର୍ଥ ସଂକଟ, ବନ୍ଧୁଙ୍କ ବଦାନ୍ୟତା, ଟେନ୍‌ସନ କମିଯିବ, ଶୁଭ ଖବର ପ୍ରାପ୍ତି, ଅନିଦ୍ରାଜନିତ ପୀଡ଼ା, ପାରିବାରିକ ସଦ୍‌ଭାବ। ସ୍ତ୍ରୀଙ୍କ ସହଯୋଗ, ପ୍ରଶାସନିକ ସଫଳତା, ରୋଗପୀଡ଼ା କମିବ, ଯାତ୍ରାରେ କଳହ।

**ମୀନ**: ମିତ୍ରବନ୍ଧୁ ବିରୋଧ, ମାନସିକ ଦ୍ୱନ୍ଦ୍ୱ ବୃଦ୍ଧି, ପରିବାରର ଆଶ୍ୱାସନା, ଗୃହସଜ୍ଜା ପ୍ରତି ଆଗ୍ରହ, ନୂଆ ସମ୍ପର୍କ ଯୋଡ଼ିବେ, ଶିଳ୍ପ ବାଣିଜ୍ୟରେ ଉନ୍ନତି, ସନ୍ଦେହରୁ କଳହ, ଯାତ୍ରାରେ ସଫଳତା, ବନ୍ଧୁମିଳନ। ମନୋରଞ୍ଜନରେ ରୁଚି, ଆନୁଷ୍ଠାନିକ କାର୍ଯ୍ୟାରମ୍ଭ, ସତ୍‌ସଙ୍ଗରୁ ଶାନ୍ତି।

# ତରଭୁଜର ଉପକାରିତା

ତରଭୁଜ ଏମିତି ଏକ ଫଳ, ଯେଉଁଥିରେ ଲାଇକୋପିନ୍‌ର ମାତ୍ରା ପ୍ରଚୁର ଥିବା ଯୋଗୁ ତ୍ୱଚାରେ ଚମକ ଆଣିବାରେ ଏହା ବିଶେଷ ସହାୟକ ହୋଇଥାଏ। ସେହିପରି ଏଥିରେ ଭିଟାମିନ୍-ଏ ରହିଥିବାରୁ ଏହା ଦୃଷ୍ଟିଶକ୍ତି ଓ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ମଧ୍ୟ ଲାଭଦାୟକ ହୋଇଥାଏ। ଖରାଦିନେ ତରଭୁଜ ଜୁସ୍‌କୁ ପିଇଲେ ପେଟ ସହ ମସ୍ତିଷ୍କ ମଧ୍ୟ ଥଣ୍ଡା ରହିଥାଏ; ଯଦ୍ୱାରା କ୍ରୋଧ ନିୟନ୍ତ୍ରଣରେ ରୁହେ। ହୃଦୟ ସମ୍ବନ୍ଧୀୟ ରୋଗରୁ ଉପଶମ ଦେବାରେ ମଧ୍ୟ ତରଭୁଜ ବହୁତ ଉପକାରୀ ହୋଇଥାଏ। ସେହିପରି ଏହାକୁ ନିୟମିତ ଖାଇବା ଦ୍ୱାରା କୋଷ୍ଠକାଠିନ୍ୟ ସମସ୍ୟାରୁ ମୁକ୍ତି ମିଳିବା ସହ ଶରୀରରେ ରକ୍ତର ପରିମାଣ ବୃଦ୍ଧି ହୋଇଥାଏ। ତରଭୁଜକୁ କେବଳ ଖାଇଲେ ହେବ ତାହା ନୁହେଁ, ଏହାକୁ ତ୍ୱଚାରେ ମସାଜ୍ କଲେ ବ୍ଲାକ୍‌ହେଡ୍ସ କମିବା ସହ ଚେହେରାରେ ଚମକ ଆସିଥାଏ। ଏହାର ମଞ୍ଜି ବି ବହୁତ ଲାଭଦାୟକ ହୋଇଥାଏ। ଏହାକୁ ବାଟି ତ୍ୱଚାରେ



ଲଗାଇଲେ ଚମକ ବୃଦ୍ଧି ପାଇବା ସହ ମୁଣ୍ଡ ବିନ୍ଧା ସମସ୍ୟାରୁ ବି ମୁକ୍ତି ମିଳିଥାଏ। ସବୁଠୁ ବଡ଼ କଥା ହେଉଛି, ଶରୀରର ମୋଟାପଣ କମ୍ କରିବାରେ ତରଭୁଜକୁ ଏକ ପୌଷ୍ଟିକ ଫଳ ଭାବେ ସାଧାରଣରେ ବିବେଚନା କରାଯାଇଥାଏ।

# ପାଠକୀୟ

- ଗୋଟେ ଲମ୍ବା ଅପେକ୍ଷାର ଶେଷରେ ଆଞ୍ଜୁଳା ଆଞ୍ଜୁଳା ଖୁସି ନେଇ ଦିନେ ଆସୁଥିଲା ଖରାଛୁଟି। ଏବେବି ଆସୁଛି, କିନ୍ତୁ ବଦଳି ଯାଇଛି ତା'ର ସ୍ୱରୂପ। ହଜେଇ ଦେଇଛି ତା'ର ସ୍ୱାଧୀନତା ଆଉ ବିନ୍ଦାସପଣ। ହିସାବୀ ହେଇଯାଇଛି। ପାଠପଢ଼ା, କୋଚିଂ ସେଣ୍ଟର୍ ଓ ସମର୍ କ୍ୟାମ୍ପ ଭିତରେ ଛନ୍ଦି ହୋଇଯାଇଛି ସେ। ତେଣୁ ଏଭଳି ଏକ ସମୟୋପଯୋଗୀ ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ଛୁଟିଦିନ ପ୍ରଚ୍ଛଦ ପ୍ରସଙ୍ଗଟି ଅତି ମର୍ମସ୍ପର୍ଶୀ ହୋଇପାରିଥିଲା। 'ଭୋଜନକୁ ନେଇ କିଛି ନିୟମ' ପାଠଟିରୁ ଅନେକ କିଛି ନୂଆ କଥା ଶିଖିହେଲା। **-ତନୁଜା ବରାଳ, ବାଣପୁର, ଖୋର୍ଦ୍ଧା**
- ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'ଖରାଛୁଟି' ଏକ ଉପାଦେୟ ବିଷୟ ଥିଲା। ପୂର୍ବରୁ ଖରାଛୁଟିକୁ ପିଲାମାନେ କେମିତି ଉପଭୋଗ କରୁଥିଲେ ଆଉ ଏବେ ସେମାନେ ପାଠର ଚାପ ଭିତରେ ରହି ଖରାଛୁଟିର ପ୍ରକୃତ ମଜାରୁ ଦୂରେଇ ଯାଉଛନ୍ତି, ତାହାର ଏକ ନିଛକ ପ୍ରତିଛବି ଏହି ଆଲେଖ୍ୟଟିକୁ ପଢ଼ି ଜାଣିହେଲା। ସେହିପରି ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ ବିଭିନ୍ନ ପ୍ରକାରର ଝୁଲା ସମ୍ପର୍କରେ ଜାଣିବାକୁ ମିଳିବାରୁ ଖୁସି ଲାଗିଲା। **-ଦେବେନ୍ଦ୍ର ପୃଷ୍ଟି, କରଞ୍ଜିଆ, ବାଲେଶ୍ୱର**
- ଏଥରର ବ୍ୟକ୍ତିତ୍ୱ ପୃଷ୍ଠାରୁ ଓଡ଼ିଆ ଚଳଚ୍ଚିତ୍ର ଜଗତ ଓ ନାଟକ ମଞ୍ଚର ବିଶିଷ୍ଟ ସଫଳ ଅଭିନେତ୍ରୀ ମଞ୍ଜୁଲତା ପ୍ରଧାନଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ସୃଜନ ପୃଷ୍ଠାରେ ସ୍ଥାନିତ 'କମ୍ପନ' ନାମକ ଗପଟି ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା। ଅନ୍ୟପକ୍ଷେ ସିନେମା ପୃଷ୍ଠାରେ ସ୍ଥାନିତ 'ଇମୋଶନାଲ ଅର୍ଜୁନ', 'ସନ୍ନି-ଅମୀଷା ହିଁ ବେଷ୍ଟ', 'ଚିତ୍ରାଙ୍ଗଦାଙ୍କ ଘୋଡ଼ାଚଢ଼ା ମିଶନ' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ଖୁବ୍ ମନଛୁଆଁ ହୋଇପାରିଥିଲା। **-ରାକେଶ ସ୍ୱାଇଁ, ୟୁନିଟ୍-୪, ଭୁବନେଶ୍ୱର**
- ଉକ୍ତ ସଂଖ୍ୟାର ପ୍ରଥମ ରୋଜଗାର ସ୍ତମ୍ଭରୁ ସାହିତ୍ୟିକ ପାର୍ଥସାରଥି ରାଉତଙ୍କ ରୋଜଗାର ସମ୍ପର୍କିତ ଅନୁଭୂତିଟି ବେଶ୍ ମନଛୁଆଁ ହୋଇପାରିଥିଲା। 'ଦାମୀ ସନ୍‌ଗ୍ଲାସ୍' ପାଠଟିରୁ କେତେଗୁଡ଼ାଏ ଆକର୍ଷଣୀୟ ତଥା ଦାମୀ ଖରାଦିନିଆ ଚଷମା ସମ୍ପର୍କରେ ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସାଥୀର ଉତ୍ତରଗୁଡ଼ିକ ବି ବେଶ୍ ରୋମାଣ୍ଟିକ୍ ଲାଗୁଥିଲା। ମଡେଲ୍ ମିରର୍‌ରେ ଦୀପ୍ତି ଦୁର୍ଗା ମଧ୍ୟ ଖୁବ୍ ସୁନ୍ଦରୀ ଲାଗୁଥିଲେ। **-ସୋମେନ୍ଦ୍ର ଦାସ, ନୟାଗଡ଼**
- ସହର ପୃଷ୍ଠାରୁ ପ୍ରାଚୀନତମ ଦୁର୍ଗ ମେହରାନଗଡ଼ ସମ୍ପର୍କରେ ଅନେକ କିଛି ଅଜଣା କଥା ଜାଣିହେଲା। 'ଲୋକନୃତ୍ୟ ବଜାସାଲ୍' ବି ଏକ ନିଆରା ଆଲେଖ୍ୟ ଥିଲା। ସେହିପରି ବିବିଧା ପୃଷ୍ଠାରେ ସ୍ଥାନିତ 'ମିଠା ଫୁଲ' ଏବଂ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ସାଇକେଲ ଉପରେ ଯୋଗ', 'ଯେଉଁଠି ଘରେ ଘରେ ପ୍ଲେନ୍' ଏବଂ 'ଲଭ୍ ଲେକ୍' ଆଦି ପାଠଗୁଡ଼ିକ ବି ବେଶ୍ ଆଶ୍ଚର୍ଯ୍ୟଜନକ ଥିଲା। **-ସ୍ୱପ୍ନାମୟୀ ଜେନା, ଭଦ୍ରକ**



## ବିଶେଷ ଚିଠି

ଧରିତ୍ରୀର ତୁମେ ସୁଯୋଗ୍ୟ ସନ୍ତାନ
ଷୋହଳ ପୃଷ୍ଠା ତୁମ କିଣିନିଏ ମନ।
ପ୍ରଚ୍ଛଦ ତୁମର ଅତି ଚମତ୍କାର
ସିନେମା ପୃଷ୍ଠା ବି ଲାଗେ ଆହୁରି ସୁନ୍ଦର।
ସାଥୀରୁ ଜାଣିହୁଏ ପ୍ରେମପ୍ରଶ୍ନର ଉତ୍ତର
ନୂଆ ନୂଆ ଜାଗା ବୁଲାଏ ତୁମ ସହରଠୁ ଦୂର।
ହସିହସି ଗଡ଼ିଯାଏ ହାଃ ହାଃକୁ ପଢ଼ି
କାର୍ଟୁନ କର୍ନର ବି ଦିଏ ମଜାଳିଆ ବାର୍ତ୍ତା ବାଢ଼ି।
ତୁମେ ସତରେ ଅନନ୍ୟ ଛୁଟିଦିନ
ଏହିପରି ଆସୁଥାଅ ସବୁଦିନ।
**-ଜଗନ୍ନାଥ ମିଶ୍ର, ସାତଶଙ୍ଖ, ପୁରୀ**

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ବଦଳୁଛି ମଶାଣି ରୂପ

**ମଶାଣି କଥା ମନପଡ଼ିଲେ ଆଖି ସମ୍ମୁଖରେ ନାଚିଉଠେ ଗାଁଠାରୁ ଅନତି ଦୂର ଶୂନଶାନ୍ ପ୍ରାନ୍ତରରେ ଥିବା ମଶାଣିର ଦୃଶ୍ୟ। କିନ୍ତୁ ଏମିତି ବି ଅନେକ ମଶାଣି ଅଛି, ଯାହାକୁ ଦେଖିଲେ ଭ୍ରମ ସୃଷ୍ଟି ହେବ ଯେ, ଏ ମଶାଣି ନା ଉପବନ...**

ମର୍ତ୍ତ୍ୟ ମଣ୍ଡଳେ ଦେହ ବହି, ଦେବତା ହେଲେ ବି ମରଇ। ତେବେ ଜନ୍ମର ଅନ୍ତୁଡ଼ି ନିଆଁଠାରୁ ମଶାଣିର ଜୁଇକୁ ଯିବା ସମୟର ବ୍ୟବଧାନ ମଧ୍ୟରେ ସମସ୍ତଙ୍କୁ ଦୁନିଆ ରଙ୍ଗମଞ୍ଚରେ ଅଭିନୟ କରିବାକୁ ପଡ଼ିଥାଏ । ଯେମିତି କି କୁହାଯାଏ ଏଜୀବନଟା ଏକ ନାଟକ। ହାରଜିତ, ମାନସମ୍ମାନ, ପ୍ରାପ୍ତି ଅପ୍ରାପ୍ତିର ହିସାବ ନିକାଶ ସବୁକିଛି ସରିଯାଏ ମଣିଷର ମୃତ୍ୟୁରେ। ତେବେ ମୃତ୍ୟୁ ପରେ କେହି ଶବକୁ ଦାହ କରନ୍ତି ତ ପୁଣି କେହି କବର ଦିଅନ୍ତି। ଏମିତି ନାନାପ୍ରକାରର ପ୍ରଥା ପରମ୍ପରା ମଧ୍ୟରେ ଆସିଯାଏ ଜୀବନର ଶେଷଦୃଶ୍ୟ। ଲିଭିଯାଏ ମଶାଣି ଭୂଇଁରେ। ମଶାଣିଙ୍କୁ ବାଦ ଦେଲେ ଜୀବନର ଇତିହାସ ଅପୂର୍ଣ୍ଣାଙ୍ଗ। ଯେମିତି କି କାହାରି ମନେଥାଇପାରେ 'ଜହ୍ନମାମୁ'ବହିରେ ପଢିଥିବା ବେତାଳ କଥା – ନିଶା ଗରଜୁଥାଏ । ତୁହାକୁ ତୁହା ଶୀତଳପବନ ସାଙ୍ଗକୁ ମୃଦୁ ମୃଦୁ ବର୍ଷା। ବଣବୁଦା ଭିତରୁ ଭାସି ଆସୁଥାଏ ସାଇଁ ...ସାଇଁ ..ଶବ୍ଦ। ଶ୍ୱାନ ଶ୍ୱାପଦଙ୍କ ରଡ଼ି ସାଙ୍ଗକୁ ଶୁଭୁଥାଏ ଅଶରୀରୀମାନଙ୍କ ଅଟ୍ଟହାସ୍ୟ। ଘନଘନ ବିଜୁଳି ଆଲୋକରେ ଦିଶି ଯାଉଥାଏ ଭୟାନକ ମୁହଁଟି। ତେବେ ମଶାଣି ଭୂଇଁ କଥା ମନପଡ଼ିଲେ ଆଖି ସମ୍ମୁଖରେ ନାଚିଉଠେ– ଗାଁଠାରୁ ଅନିତ ଦୂର ଶୂନଶାନ୍ ପ୍ରାନ୍ତରରେ ମଶାଣି ଅବସ୍ଥିତି। ନିକଟରେ ଖାଁଖାଁ ଲାଗୁଥିବା ଓହଳା ବରଗଛ। ଆଉ ପାଖରେ କିଆଗୋହିରି କି ନଈପଠା କିମ୍ବା ପାହାଡ଼ତଳ ପଡ଼ିଆ ଆଦି ଜାଗାରେ ରହିଥିବା ମଶାଣିରେ ପଡ଼ିଥିବା କେଇଟା ଛିଣ୍ଡା ଟୋକେଇ, ଭଙ୍ଗାହାଣ୍ଡି, ଖପରା, ହାଡ଼, ଦରପୋଡ଼ାକାଠ, କୁଲା,ବାଉଁଶ, ଛାଞ୍ଚୁଣି, ଛିଣ୍ଡା ସନ୍ତସନ୍ତିଆ ମଶିଣା, ଭଙ୍ଗା ବୋତଲ, ନଖ, ବାଳ, ଟିକିଟିକି ହାଡ଼ ଅଲରାବଲରା ହୋଇ ପଡ଼ିଥାଏ। ନିଛାଟିଆ ଦିପହର ହେଉ କି ମୁହଁ ସଞ୍ଜ, ବେଳେ ବେଳେ ଏଇ ସମୟରେ ମଶାଣିର ବଣବୁଦା ଗହଳରୁ ବିଲୁଆର ଡାକ ଶୁଭେ। ପବନ ହେଲେ ମଶାଣିଭୂଇଁରେ ରହିଥିବା କୋଚିଲା, ଝାମ୍ବୁଲା କିଆଁଗଛ, ଡେଙ୍ଗା ବରଗଛ କି ଉଚ୍ଚତାଳଗଛରୁ ପତ୍ରଝଡ଼ିବାର ଶବ୍ଦ କାହାରିକୁ ବି ଡର ଲାଗିପାରେ। ମଶାଣିରେ

→







ଦିକ୍‌ଦିକ୍ ଜଳେ ଜୁଇ, ଧୂଆଁ ମୋଡ଼ି ମୋଡ଼ି ହୋଇ ଆକାଶର ମଥାନ ଛୁଉଁଥାଏ। ମଝିରେ ମଝିରେ ହାବୁକା ହାବୁକା ହାଲକା ପବନ ବହୁଥାଏ। ତାଳବାହୁଙ୍ଗା ଉପରେ ଯେବେ ଶାଗୁଣା କି ଚିଲପକ୍ଷୀ ଫଡ଼ଫଡ଼କରି ଡେଣାଝାଡ଼େ ଦେହ ଶିହରି ଯାଏ । ଛାତି ଧଡ଼ଧଡ଼ ହୁଏ। ତେବେ ମଶାଣିରେ ଶବଦାହ ପରମ୍ପରା କାହିଁ କେଉଁ କାଳରୁ ସମାଜରେ ପ୍ରଚଳିତ।

ଗାଁ ଗହଳିରେ ଯଦି କାହାରି ମୃତ୍ୟୁ ଘଟେ! କେବେ ଯଦି ଭାଇ, ବନ୍ଧୁ, କୁଟୁମ୍ବ, ସାହି ପଡ଼ିଶାରେ କେମିତି କେତେବେଳେ କାହାରି ମଧ୍ୟରେ ମତାନ୍ତର ହୋଇଥାଏ କି ରାଗରୁଷା ବା ବାଡ଼ ପଡ଼ିଥିଲେ, କଥାବାର୍ତ୍ତା ହେଉ ନ ଥିଲେ କିମ୍ବା ଗାଁରେ ମାଲିମକଦ୍ଦମା ଲାଗିଥିଲେ ସବୁ ବାଦବିବାଦ ଭୁଲି ବାହାରି ଆସନ୍ତି ଶେଷଥର ଦେଖିବାକୁ ସେଇ ଅଫେରା ମଣିଷଙ୍କୁ । ତାଙ୍କର ଗୁଣଗାନକୁ କେହି କେହି ବି ମନେପକାଇ କୁହନ୍ତି, ଆହା ବିଚରା ଭଲ ମଣିଷଟିଏ ଅମକରେ। ଜୁଲୁ ଜୁଲୁ ଅନାଇ ଆହାପଦେ କୁହନ୍ତି। ଆଉ ବୁଢ଼ାବୁଢ଼ୀମାନେ ପୁରୁଣାକଥାକୁ ମନେପକାଇ ଆଖିରୁ ଲୁହ ଗଡ଼ାଇ କୁହନ୍ତି, ଆମର ଆଉ ଦିନ କେଇଟା ରହିଲା। ହେଲେ ଯେଉଁ ଚିହ୍ନା ମୁହଁମାନେ ସାହିରେ ଚଲାବୁଲା କରୁଥିଲେ ମୁରବି ପଣିଆ ବୋଲାଉଥିଲେ ଚାହୁଁ ଚାହୁଁ ସେ ଚାଲିଗଲେ, ସମସ୍ତଙ୍କୁ ଚକିତ ଲାଗେ। ତେବେ ସାହିଭାଇ କୁଟୁମ୍ବ ଆସନ୍ତି। କିଏ ଧୋବା , କିଏ ବାରିକକୁ ଡାକେ , କିଏ କୁଟା କେରାଏ ତ କିଏ ବାଉଁଶ ହାଣିଆଣେ। କିଏ ପାଳରେ ଦଉଡ଼ି ବୋଳି ପକାଏ, ଆଉ କିଏ ଅମୁକ ଅମୁକ ଜିନିଷ ଆସିବ ବୋଲି କୁହେ। କିଏ ପୁଣି କହିଦିଅନ୍ତି ଆରେ ଛଅ ଖଣ୍ଡ ବାଉଁଶରେ ହେବ କୋକେଇ। ହିନ୍ଦୁ ରୀତିନୀତିରେ ଛ'ଖଣ୍ଡରୁ ଚାରିଖଣ୍ଡ ଛୋଟ ଏବଂ ଦୁଇଖଣ୍ଡ ବଡ଼ ଲମ୍ବାବାଉଁଶରେ ପାଳ ଦଉଡ଼ିରେ ବନ୍ଧାଯାଇ କୋକେଇ ହୁଏ। କୋକେଇ ପ୍ରସ୍ତୁତି ପରେ ନିଆଁ ଅଟା ତିଆରି ହୁଏ। ମୃତଦେହକୁ ସଫାସୁତୁରା କରାଯାଇ କୋକେଇରେ ଶୂନ୍ୟକୁ ହାତ ଖେଳାଇ ଶୁଆଇ ଦିଆଯାଇଥାଏ। ମାଲଭାଇ ମାନେ ମୃତକଙ୍କୁ କୋକେଇରେ କାନ୍ଧେଇ ଖୁବ୍ ସମ୍ମାନ ସହ ନେଉଥିବା ବେଳେ ଧର୍ମର କଥା ମନେପଡ଼େ। ରାମ ନାମ ସତ୍ୟହେ ଧ୍ୱନି ମୁଖରିତ ବେଳେ ପରିବେଶରେ ଆତ୍ମୀୟସ୍ୱଜନଙ୍କ କାନ୍ଦବୋବାଳିରେ ଚତୁର୍ଦ୍ଦିଗକୁ ପ୍ରତିଧ୍ୱନି କରୁଥାଏ। ଆଗେ ଆଗେ ଚାଲିଥାନ୍ତି ମାଲଭାଇ । କୋକେଇର ଆଗରେ ଶୁଭଖଇ ଓ କଉଡ଼ି ବିଞ୍ଚାଇ ଚାଲିଥାନ୍ତି ଆତ୍ମୀୟଜନ। ପଛେ ପଛେ ଗୋବରପାଣି ଛିଞ୍ଚାଯାଏ। ତେବେ ଦିନରାତି ଶୀତ, ବର୍ଷା ଓ ଖରା ସବୁ ସମୟରେ ସମସ୍ତଙ୍କ ପାଇଁ ଖୋଲା ରହିଥାଏ ମଶାଣି ଭୂଇଁ। ଏଇମଶାଣି କ୍ଷଣିକ ଭିତରେ ସମସ୍ତଙ୍କୁ ଆପଣେଇ ଏକାଠି କରେ।ତେବେ ମଶାଣିରେ ଶବଦାହ ସମୟରେ କେଉଁଠି କେଉଁ ଭାଗରେ କାଠ ଦେଲେ କମ ସମୟ ମଧ୍ୟରେ ଦାହ କରିହେବ ପୁରୁଖା ମାଲଭାଇମାନଙ୍କୁ ଜଣାଥାଏ। ଶବକୁ ମଶାଣିକୁ ଆଣି ମଶାଣି ଚୁଲାରେ କାଠକୁ ସାଇଜକରି ରଖାଯାଇଥାଏ। କେତେକ ପାରମ୍ପରିକ ରୀତି ନୀତିରେ ଶବସତ୍କାର କରାଯାଇଥାଏ। ଜୁଇ ପାଖରେ ଶବକୁ ସାତଘେରା ବୁଲା ଯାଏ। ଦଶ ଦିଗପାଳଙ୍କୁ ସାକ୍ଷୀ ରଖି ମାଲଭାଇମାନେ ଶବକୁ ଜୁଇରେ ଶୁଆଇଥାନ୍ତି। ପରିବାର ପୁଅ କିମ୍ବା ଝିଅ ବି ମୁଖାଗ୍ନି ଦେଇଥାନ୍ତି। ଶବ ଉପରେ କାଠ ଲଦାଯାଏ, ଯେପରି ମୃତ ଲୋକର ଆଣ୍ଠୁଗଣ୍ଠି ଭାଙ୍ଗି ବଙ୍କା ହୋଇ ନ ଉଠେ। ମୁଖାଗ୍ନି ଦେବାରେ ଶବକୁ କେହି କେହି ଉତ୍ତରମୁହାଁ କରି ମୁଖାଗ୍ନି ଦିଅନ୍ତି। ଚିତାରେ ନିଆଁ ସଂଯୋଗ ମାତ୍ରେ ହୁତୁହୁତୁ ହୋଇ ଜଳେ। ସାରା ପରିବେଶ ନିଆଁ ଧାସରେ ତତଲା ହାୱା ଖେଳିଯାଏ। ମଶାଣିକୁ ନୂଆକରି ଆତ୍ମୀୟଜନଙ୍କୁ ଦେଖିବାକୁ ଯାଉଥିବା ଲୋକଙ୍କୁ ମାଲଭାଇମାନେ ଶବ ଜଳିବାବେଳେ ଗଣ୍ଠିଫୁଟିବା ମୁଣ୍ଡଫୁଟିବାର କଥା କହିଥାନ୍ତି । ମୁର୍ଦ୍ଦାରଟା ଯେବେ ଜୁଇ ନିଆଁ ଉପରେ ସେଁ ସେଁ କରେ କି ତା'ର ସେଙ୍ଗେଡ଼ା ହୋଇ ଉପରକୁ ବାହାରିପଡ଼େ ତେବେ ମାଲଭାଇମାନେ ଲମ୍ବା ବାଉଁଶ କି କାଠରେ ଶବକୁ ଓଟାରିଆଣି କେଞ୍ଚି ଜୁଇରେ ପକାଇ ଦିଅନ୍ତି। ତେବେ ଶବ ଦାହ ପରେ ଅସ୍ଥି ସଂଗ୍ରହ ପାଇଁ କିଛି ବିଧି ବି ରହିଥାଏ। ବିଧି ଅନୁସାରେ କିଛି ଦ୍ରବ୍ୟ ଯଥା ହଳଦୀପାଣିରେ ଅସ୍ଥିକୁ ବୁଡ଼ାଯାଏ । ପରେ ମଶାଣିରେ ମାଟି ବା ବାଲିରେ ଏକ ମଣିଷ



ଆକୃତି ତିଆରି କରାଯାଏ। ମୂର୍ତ୍ତି ପେଟ ଉପରକୁ ଅସ୍ଥି ରଖାଯାଏ। ତା' ପରେ ହଳଦୀ କନା ପେଟ ଓ କାନ୍ଧ ଉପରେ ରହେ ପୁଣି ହଳଦୀ କନାରେ ପାଞ୍ଚଟି କାଠିରେ ଗୁଡ଼ାଇ ରଖାଯାଏ। ହାତ ଓ ମୁଣ୍ଡ ପାଖରେ ପୋତାଯାଏ। ଅସ୍ଥି ଉପରେ ପଞ୍ଚଶସ୍ୟ ପକାଯାଏ। ମୂର୍ତ୍ତିର ଦୁଇପାଦ ପାଖରେ ଦୁଇଟି ଗାତ ଖୋଳାଯାଏ । ଗୋଟିଏ ଖାଲରେ ପାଣି ଅନ୍ୟଟିରେ ପଣା ଦିଆଯାଏ। ପୁଣି ପଇଡ଼ ପାଣି ମୂର୍ତ୍ତି ଓ ଅସ୍ଥି ଉପରେ ଦିଆଯାଇଥାଏ। ପରେ ଛୋଟ ମାଟିଘଡ଼ିରେ ଅସ୍ଥିକୁ ରଖି ତା' ମୂର୍ତ୍ତିକୁ ଘୋଡ଼ାଯାଇ ଘରକୁ ଅଣାଯାଇଥଏ। ତେବେ ମଶାଣିକୁ ନେଇ ଅନେକକଥା ଅନେକ କାହାଣୀ, ଯେମିତି ରାଜା ହରିଶ୍ଚନ୍ଦ୍ରଙ୍କ ଶ୍ମଶାନ ଜଗିବା କଥା ପୁରାଣରେ ରହିଛି। ପଦ୍ମଶ୍ରୀ କବି ସଚ୍ଚିଦାନନ୍ଦ ରାଉତରାୟଙ୍କ – ଛୋଟ ମୋର ଗାଁଟି– ମାଟିର ସେଇ ସରଗମୋର, ସେଇଟି ଅଛି ମୋ ଷଠିଘର, ଜଳିବ ପୁଣି ସେଇଠି ଶେଷେ ମୋହର ଚିତା ନିଆଁଟି, ଛୋଟ ମୋର ଗାଁଟି। ଆଜିକାଲି ଆଉ ସେତେବେଳର ମଶାଣି ନାହିଁ, ଅନେକ ସ୍ଥାନରେ ବଦଳିଗଲାଣି ମଶାଣିର ରୂପ। ବଦଳି ଯାଉଛି ସେଠାର ପରିବେଶ। ବିଦ୍ୟୁତଚୁଲା ରହିଛି । ସୁଇଚ ଟିପିଲେ ମୁହୂର୍ତ୍ତକରେ ଶବଦାହ କାର୍ଯ୍ୟଶେଷ ହେଉଛି। କିନ୍ତୁ ଆମ ସଂସ୍କୃତିର କେତେକ ପ୍ରଚଳିତ ଧାରା ମଶାଣିକୁ ନେଇ ରହିଛି। –ଏକଥା ସତ ଯେ ଯେମିତି ଜୀବନ ସହିତ ମୃତ୍ୟୁର ସମ୍ପର୍କ ସେମିତି ମଶାଣି ସହିତ ମଣିଷର ।

**ମଶାଣି ପାଲଟିଛି ସବୁଜ ଉଦ୍ୟାନ–** ନୟାଗଡ଼ ଜିଲାରେ ଏମିତି ଏକ ସ୍ଥାନ ରହିଛି ; ଯାହାକୁ ଦୂରରୁ ଦେଖିଲେ କାହାରି ମନରେ ହୁଏତ ସନ୍ଦେହ ଉପୁଜିବ ଏହା ପାର୍କ ନା ଶ୍ମଶାନ ! ତେବେ ଏମିତି ପରିବେଶକୁ ହଠାତ୍ ଠଉରାଇବା ମୁସ୍କିଲ। ତେବେ ଅଧିକାଂଶ ସ୍ଥାନରେ ସରକାରୀ ଅନୁଦାନରେ ଶ୍ମଶାନ ନିର୍ମାଣ ହୋଇଛି। ମାତ୍ର ଆଉ କେତେକ ସ୍ଥାନରେ କାଁ ଭାଁ ବ୍ୟକ୍ତିବିଶେଷଙ୍କ ଉଦ୍ୟମରେ ଅର୍ଥବ୍ୟୟ କରାଯାଇ ଶ୍ମଶାନ ପରିସର ମଧ୍ୟରେ ବିଭିନ୍ନ ବୃକ୍ଷଲତାର ଉଦ୍ୟାନ କରାଯାଇଥିବା ଏବେ ଦେଖିବାକୁ ମିଳୁଛି। ଏହାଦ୍ୱାରା ଶ୍ମଶାନର ନୂଆରୂପ ଲୋକଙ୍କ ମନରେ ସ୍ୱଚ୍ଛତା ଓ ସୁନ୍ଦର ପରିବେଶର ସକାରାତ୍ମକ ପ୍ରଭାବ ପକାଉଛି। ଏପରି ସ୍ଥାନ ନିଆରା ମନୋରଞ୍ଜନର ମାଧ୍ୟମ ପାଲଟିଛି । ଏହି ଜିଲାର ସଦର ବ୍ଲକ ବିରୁଡା ପଞ୍ଚାୟତର ବିରୁଡାରେ ଥିବା ଶ୍ମଶାନର ସୌନ୍ଦର୍ଯ୍ୟକରଣକୁ ଦେଖି ବ୍ଲକ ପ୍ରଶାସନ ନିଜ ହେପାଜତକୁ ନେଇ ଉନ୍ନତୀକରଣରେ ଲାଗି ପଡିଛି । ବିରୁଡାରେ ପରିତ୍ୟକ୍ତ ହୋଇ ପଡିଥିବା ଶ୍ମଶାନକୁ ଗାଁ ଲୋକେ ସଫେଇ କରିଥିଲେ। ପରେ ଏଥିରେ ଫୁଲଗଛ ଲଗାଇଥିଲେ । ଏପରି କି ବିଭିନ୍ନ ପ୍ରକାରର ଚିତ୍ରକଳା ଓ ନୀତିବାଣି ଲେଖି ସୌନ୍ଦର୍ଯ୍ୟକରଣର ଦାୟିତ୍ୱ ନେଇଥିଲେ । ବ୍ଲକ ପ୍ରଶାସନ ଏହାର ନିର୍ମାଣର ଦାୟିତ୍ୱ ନେବା ପରେ ଶ୍ମଶାନର ରୂପରେଖ ପୂରା ବଦଳିଗଲା। ଏଠାରେ ସିଂହ, ବାଘ, ମୟୂର,ବୁଦ୍ଧଦେବଙ୍କ ପରି ଅନେକ ଚିତ୍ର ଦେଖିବାକୁ ମିଳୁଛି । ପ୍ରାଚୀର କାନ୍ଥରେ ଯମ ଦଣ୍ଡକୁ ନେଇ ବିଭିନ୍ନ ପର୍ଯ୍ୟାୟର ଛବି ଶୋଭାପାଉଛି । ପାପ କଲେ ନର୍କଗାମୀ ଓ ଧର୍ମକଲେ ପୁଣ୍ୟମିଳିଥାଏ ବୋଲି ସଂସ୍କାରଧର୍ମୀ ବାର୍ତ୍ତା ଉଲ୍ଲେଖ ରହିଛି । ପୁଣି ପଥରରେ ଖୋଦିତ ବିଭିନ୍ନ ଦେବଦେବୀ ଏଠାରେ ସ୍ଥାନ ପାଇଛନ୍ତି । ପୌରାଣିକ କାହାଣୀ ଭାବେ– ଦାନବୀର ହରିଶ୍ଚନ୍ଦ୍ର, ଶ୍ରବଣ କୁମାରଙ୍କ ମାତୃପିତୃ ଭକ୍ତିର ଛବି, ନଚିକେତା ଓ ସତ୍ୟବାନ ସାବିତ୍ରୀଙ୍କ ଚେତନାଧର୍ମୀ କାହାଣୀର କଥା ଉପରେ ଆଧାରିତ ମୂର୍ତ୍ତି ସ୍ଥାନ ପାଇଛି। ମଶାଣି ପରିସର ଆଲୋକୀକରଣ ହୋଇଛି। ପାଣିର ବ୍ୟବସ୍ଥା ସହ ବସିବା ପିଣ୍ଡି

→









ଓ ଚୌକି ରହିଛି । ବିଭିନ୍ନ ଫୁଲଗଛର ସମ୍ଭାର ଏହାର ଶୋଭାକୁ ବଢ଼ାଉଛି । ଘାସ ଗାଲିଚାର ସୌନ୍ଦର୍ଯ୍ୟ ମଧ କମ ନୁହେଁ । ଶ୍ମଶାନକୁ ନେଇ ଥିବା ଭୟର ମାନସିକତା ଏଠାରେ ନାହିଁ । ମୃତଦେହକୁ ସତ୍କାର କରିବାକୁ ରହିଛି ସବୁ ପ୍ରକାରର ବ୍ୟବସ୍ଥା । ଏବେ ପିଲାଠାରୁ ଆରମ୍ଭକରି ବୁଢ଼ା ସେଲ୍ଫି ଉଠାଇ ମଜା ନେଉଛନ୍ତି । ସୁନ୍ଦର ସୁନ୍ଦର ପେଣ୍ଟିଂ ଓ ସୁନ୍ଦର ପରିବେଶରେ ଆସି ଜମାଉଛନ୍ତି ଖଟି । ଏନେଇ ନୟାଗଡ ଉପଜିଲାପାଳ ଲଗ୍ନଜିତ ରାଉତ କୁହନ୍ତି ବିରୁଡାର ଶ୍ମଶାନକୁ ଗଲେ ପାର୍କକୁ ଗଲା ପରି ଲାଗୁଛି । ଏଠାରେ ଶ୍ମଶାନର ଭୟ ନାହିଁ।ଖାଁ ଖାଁ ଲାଗୁଥିବା ଶ୍ମଶାନରେ ଏବେ ଭିଡ ଜମୁଛି । ସରପଞ୍ଚମାନେଏହିପରି କିଛି କାମ କରି ଜିଲାର ବିକାଶରେ ସହଯୋଗ କରନ୍ତୁ । ଅନନ୍ୟା ଫାଉଣ୍ଡେସନର ସଭାପତି ନୀଳମଣି ସ୍ୱାଇଁ କୁହନ୍ତି ବିରୁଡାର ଶ୍ମଶାନର ରୂପରେଖ ପରିବର୍ତ୍ତନ କରିବାରେ ଗାଁଲୋକ, ସରପଞ୍ଚ, ଅନନ୍ୟା ଫାଉଣ୍ଡେସନ ଓ ବ୍ଲକ ପ୍ରଶାସନର ଉଦ୍ୟମ ପ୍ରଶଂସନୀୟ। ଏହାଦ୍ୱାରା ସମାଜକୁ ଏକ ଭଲବାର୍ତ୍ତା ଦେଉଛି। ନୟାଗଡ ବିଡିଓ ମନୋଜ ପାତ୍ର କୁହନ୍ତି, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅର୍ଥ କମିଶନ ଅନୁଦାନ ସହ ଏମଜିଏନଆରଇଜିଏସ ଜରିଆରେ ପ୍ରାୟ୨୦ ଲକ୍ଷ ଟଙ୍କା ବିରୁଡା ଶ୍ମଶାନରେ ଖର୍ଚ୍ଚହୋଇ ସାରିଲାଣି । ଆଗକୁ ପୁଣି ଅଧିକ ଅର୍ଥ ବ୍ୟୟ ହେବାର ବ୍ୟବସ୍ଥା କରାଯାଇଛି । ଏହା ଏକ ମଡେଲ ଶ୍ମଶାନ ହେବ । ଶ୍ମଶାନ ପ୍ରତି ଭୟ ଦୂର କରିବା ଓ ଲୋକଙ୍କ ମନରୁ ଅନ୍ଧ ବିଶ୍ୱାସକୁ ଦୂର କରିବାକୁ ପ୍ରଶାସନ ପକ୍ଷରୁ ପ୍ରଚେଷ୍ଟା କରାଯାଇଛି ।

**ମଶାଣିକୁ ବି ଘଡିଏ ଚାହିଁବେ :** ନୟାଗଡ଼ ଜିଲାର ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ରଣପୁର ପୂର୍ତ୍ତ ବିଭାଗ ରାସ୍ତାର ମନ୍ଦାକିନୀ ନଦୀ କଡ଼ର ପଶ୍ଚିମପଟେ ରହିଛି ରଣପୁର ମଶାଣି । ପ୍ରାୟ ୪୫ ଡିସିମିଲ ପରିମିତ ମଧ୍ୟରେ ରହିଥିବା ଏହି ମଶାଣିଟି ରଣପୁର ୱାର୍ଡ ନଂ. ୨ର ଅଧୀନ। ତେବେ ରଣପୁରରୁ ସୁନାଖଳା ରାସ୍ତାରେ ଯା'ଆସ କରୁଥିବା ଅଧିକାଂଶ ପଥଚାରୀଙ୍କ ନଜର ବି ପଡିପାରେ ଏକଫୁଲ ବଗିଚା ମଧ୍ୟରେ ରହିଥିବା ମଶାଣି ଉପରେ। ଏଠାରେଥିବା ଶୂନ୍ୟଛାତଘର କାନ୍ଥରେ ଲେଖାଥିବା କିଛି ମହତ୍ ବାଣୀ ଉପରେ। ମାତ୍ର ଏହି ସ୍ଥାନଟି ଏକ ମଶାଣି ଭୂଇଁ।ଏ ସମ୍ପର୍କରେ ପ୍ରକୃତିବନ୍ଧୁ ପୁରସ୍କାରପ୍ରାପ୍ତ କୈଳାସଚନ୍ଦ୍ର ରଥ କୁହନ୍ତି- ଶ୍ମଶାନ ହେଉଛି ଏକ ପବିତ୍ର ଜାଗା। ଏହା ମଣିଷଙ୍କୁ ପ୍ରକୃତ ଜୀବନର ମୋକ୍ଷପ୍ରାପ୍ତିର ମାର୍ଗ ଦର୍ଶନ ପାଇଁ ଶିକ୍ଷା ଦେଇଥାଏ। କିପରି ସଂସ୍କାରୀ ହୋଇ ଜୀବନରେ କିଛି ଉତ୍ସର୍ଗୀକୃତ କାର୍ଯ୍ୟ କରିବା ପାଇଁ ସଙ୍କଳ୍ପ ନେବାର ଆହ୍ୱାନ ଦିଏ। ତେବେ ଥରେ ଡିଙ୍ଗର ଶ୍ମଶାନର ପରିବେଶରେ ବିଭିନ୍ନ ଗଛଲତାରେ ପରିପୂର୍ଣ୍ଣ ସୁନ୍ଦରଉଦ୍ୟାନ ଦେଖି ପ୍ରଭାବିତ ହୋଇଥିଲି। ତା' ପରେ ୨୦୧୮ ମସିହା ଜାନୁୟାରୀ ୨୧ରେ ସୂର୍ଯ୍ୟନାରାୟଣ ବେହେରା, ରାଜ କିଶୋର ପ୍ରଧାନଙ୍କ ସହିତ ମିଶି ରଣପୁର ମଶାଣିକୁ ସୁନ୍ଦର କରିବା ପାଇଁ ପ୍ରୟାସ କରିଥିଲୁ। ଖଲି ପୃଷ୍ଟି ନାମକ ଜଣେ ବ୍ୟକ୍ତି ଜନସାଧାରଣଙ୍କ କଲ୍ୟାଣ ନିମନ୍ତେ ମଶାଣି ପାଇଁ କିଛି ଜାଗା ଦାନ କରିଛନ୍ତି । ଏଠାରେ ବିଭିନ୍ନ ପ୍ରକାରର ଫୁଲଗଛ ଲଗାଇ ଯତ୍ନ ନେଲୁ। ସରକାରୀ ସହାୟତାରେ ଶୂନ୍ୟ ଛାତ କରାଯାଇଛି। ରାତିରେ ଆଲୋକୀକରଣ କରାଗଲା। ଘାଟ ନିର୍ମାଣ ସେବା ସଂଘର କର୍ମକର୍ତ୍ତାମାନେ ଏହାର ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ ପାଇଁ ବିଭିନ୍ନ ସମୟରେ ନାନା ପ୍ରକାରର ସେବାକାର୍ଯ୍ୟ କରି ଆସୁଛନ୍ତି। ଅଧ୍ୟାପକ ସତ୍ୟନାରାୟଣ ମହାପାତ୍ର କୁହନ୍ତି, ଏହି ମଶାଣିରେ ଶିବଙ୍କ ଫଟୋଚିତ୍ର, ବିଭିନ୍ନ ଫୁଲଗଛ ଓ କେତେକ ନୀତିବାଣୀ ଲେଖାଯାଇଛି ; ଯାହା ଏଠାର ପରିବେଶରେ ଶବ ବାହକ କିମ୍ବା ମୃତକଙ୍କ ଆତ୍ମୀୟସ୍ୱଜନଙ୍କ ମନରେ ନିଆରା ଭାବ ସୃଷ୍ଟି କରିଥାଏ। ସେବାସଂଘର ସଦସ୍ୟ କବିର ବେହେରା କୁହନ୍ତି, ଶ୍ମଶାନ ଦେବାଳୟ ସଦୃଶ। ସର୍ବଦା ପରିଷ୍କାର ପରିଚ୍ଛନ ମନରେ ପବିତ୍ରତା ସୃଷ୍ଟି କରଥାଏ। ପ୍ରତିଦିନ ସକାଳେ ଓ ଅପରାହ୍ନରେ ଏଠାକୁ ଆସି ଏଠାର ପରିବେଶକୁ ସଫାସୁତୁରା ରଖିବା ପାଇଁ ଉଦ୍ୟମ କରିଥାଏ। ଏହି ପରିବେଶକୁ ଅନ୍ୟମାନେ ଦେଖି ଖୁସୀ ହୋଇପଡ଼ନ୍ତି। ତେବେ ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ତାପସ ବିଶି କୁହନ୍ତି, ଏହି ମଶାଣିର ବିଭିନ୍ନ ସୌନ୍ଦର୍ଯ୍ୟକରଣ ପାଇଁ ମଡେଲ ଶ୍ମଶାନରେ ପରିଣତ କରିବା ଯୋଜନା ରହିଛି। ରଣଜିତ୍ ସାମନ୍ତରା କୁହନ୍ତି, ଏବେ ବିଭିନ୍ନ ଯୁବଗୋଷ୍ଠୀ ଏଥିରେ ମଧ୍ୟ ସାମିଲ ହୋଇ ସେବାକାର୍ଯ୍ୟ କରିଥାନ୍ତି।

**ମଶାଣି ଲାଗୁନି ଖାଁ ଖାଁ, ହସୁଛି ସୁନ୍ଦର ଉଦ୍ୟାନ-:** ଖୋର୍ଦ୍ଧା ଜିଲାର ବେଗୁନିଆ ବ୍ଲକ ଅନ୍ତର୍ଗତ ଡିଙ୍ଗର ଗ୍ରାମପଞ୍ଚାୟତର ଉତ୍ତର ଦିଗକୁ ଥିବା ପର୍ଶୁରାମପୁର ମୌଜାରେ ରହିଛି ଗୋଟିଏ ସରକାରୀ ଶୂନ୍ୟଛାତ ମଶାଣିଘର, ଚୁଲା। ସେହିପରି ଆଉ ଗୋଟିଏ ଚୁଲା ତିଆରି କରାଯାଇଛି। ଯାହା କି ଗ୍ରା:ପ:ର ଅନ୍ୟ ମଶାଣିଠାରୁ ଟିକେ ଭିନ୍ନ । ଏ ସମ୍ପର୍କରେ ବିଶ୍ୱନାଥ ମାର୍ଥା (ଓରଫ କାଲୁ)କୁହନ୍ତି, ଘରେ ଖଡ଼ିପଥର କାମ କରେ। ବିଭିନ୍ନ ମୂର୍ତ୍ତି ଗଢ଼େ। ହେଲେ ପିଲାଟି ଦିନରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସେବା ଆଦର୍ଶରେ ନିଜକୁ ଗଢ଼ିବା ପାଇଁ ପ୍ରୟାସ କରିଥାଏ। ବିଭିନ୍ନ ସମୟରେ ଜନସଚେତନତା କାର୍ଯ୍ୟ କରିଥାଏ। ଏମିତିରେ ଗାଁ ମଶାଣିରେ ୨୦୧୭ ମସିହାରେ ବିଭିନ୍ନ ଔଷଧୀୟ ବୃକ୍ଷଲତା ଲଗାଇ ତା'ର ଯତ୍ନ ନେବାରୁ ଏବେ ଏଠାରେ ଆମ୍ବ, ପଣସ, ଅଁଳା, ଶାହାଡ଼ା ଏବଂ କେତେକ ଫୁଲ ଗଛର ଉଦ୍ୟାନ ହୋଇଛି। ଏପରି କି ଏଠାରେ ପ୍ରାୟ ୨ଶହରୁ ଉର୍ଦ୍ଧ୍ୱ ଔଷଧୀୟ ବୃକ୍ଷଲତା ଲାଗିଛି। ଏଥିପାଇଁ ପ୍ରକୃତିବନ୍ଧୁ ପୁରସ୍କାର ବି ମିଳିଛି। ହେଲେ ମଶାଣି ପରିବେଶ ସବୁଜ ସୁନ୍ଦର ହୋଇଗଲା। ଆମ ଗାଁର ୪ଟା ସାହିର ପ୍ରାୟ ଦେଢ ହଜାର ଲୋକ ଏହି ମଶାଣି ଉପରେ ନିର୍ଭରଶୀଳ। ଏବେ ଏହି ମଶାଣି ପରିବେଶ ଖାଁଖାଁ ଲାଗୁନି। ଚାରିଆଡ଼େ ଗଛଲତାରେ ପରିପୂର୍ଣ୍ଣ। ପରିବେଶ ସୁରକ୍ଷା ପ୍ରତି ନଜର ଦେବାକୁ ଏଠାରେ ବିଭିନ୍ନବୃକ୍ଷ ରୋପଣ କରାଯାଇଛି। ଅନ୍ଧବିଶ୍ୱାସ ଦୂରୀକରଣ ପାଇଁ କେତେକ ବିଜ୍ଞାନ ସମ୍ମତ ଓ ମହତବାଣୀ ଲେଖାଯାଇଛି ; ଯାହାକି ଲୋକଙ୍କୁ ସଚେତନ କରାଇଥାଏ।

**ମଶାଣି ଦେଉଛି ସ୍ୱଚ୍ଛତାର ବାର୍ତ୍ତା:** ଖୋର୍ଦ୍ଧା ଜିଲାର ବେଗୁନିଆବ୍ଲକ ଅନ୍ତର୍ଗତ ସିକୋ ଗ୍ରାମପଞ୍ଚାୟତରେ ରହିଛି ପ୍ରାୟ ୭ଟି ମଶାଣି । କିନ୍ତୁ ଗାଁର ପୂର୍ବ ଦିଗରେ ରହିଥିବା ଚନ୍ଦ୍ରଶେଖରପୁର ମଶାଣିଟି ଗାଁର ଅନ୍ୟ ମଶାଣିଠାରୁ ଟିକେ ନିଆରା। ଜଗନ୍ନାଥ ସଡ଼କର କଡ଼ରେ ଏହି ମଶାଣି ରହିଥିବାରୁ ଅଧିକାଂଶ ପଥଚାରୀମାନଙ୍କ ଦୃଷ୍ଟି ଆକର୍ଷଣ ହେଉଛି । ଗ୍ରାମର ସରପଞ୍ଚ ସୁରେଶ ଚନ୍ଦ୍ର ସାହୁ କୁହନ୍ତ, ଏହି ମଶାଣି ଉପରେ ଗ୍ରାମର ପ୍ରାୟ ୧୦ଖଣ୍ଡ ସାହି ନିର୍ଭରଶୀଳ। ପ୍ରାୟ ଦେଢ ଏକର ପରିମିତ ଅଞ୍ଚଳ ବିଶିଷ୍ଟ ମଶାଣିର ପରିସର ମଧ୍ୟରେ ରହିଛି ପଥର ପାଚେରି। ଏହି ପାଚେରି କାନ୍ଥରେ ଦାନବୀର ହରିଶ୍ଚନ୍ଦ୍ରଙ୍କ ପୁରାଣ କଥାଚିତ୍ର ଓ ମହତ ବାଣୀ ଶୋଭାପାଉଛି। ମଶାଣିର ପରିସର ମଧ୍ୟରେ ଅଳିଆ ଆବର୍ଜନା ପକାଇବା ପାଇଁ ୬ଟି କୁଣ୍ଡ ରହିଛି। ୨ଟି ଶୂନ୍ୟଛାତ ଘର ରହିଛି। ୩ଟି ଶବଦାହ ଚୁଲା ରହିଛି। ବ୍ୟବହାର ପାଇଁ ପାଣିଟାଙ୍କି ବି ରହିଛି। ୨୦୨୦ ରେ ଏହି ମଶାଣିର ସୌନ୍ଦର୍ଯ୍ୟକରଣ ହୋଇପାରିଛି। ଏଥିପାଇଁ ପ୍ରାୟ ୧୦ଲକ୍ଷ ଟଙ୍କା ଖର୍ଚ୍ଚ ସରିଛି। ତେବେ ମଶାଣି ଏକ ପବିତ୍ର ସ୍ଥାନ। ଧନୀ, ଗରିବ, ଗୁଣିଜ୍ଞାନୀ, ଶତ୍ରୁ ମିତ୍ର, ପରଆପଣାର ସଭିଏଁ ପାଆନ୍ତି ସ୍ଥାନ। ମୃତ୍ୟୁ ଯେତେ ନିଷ୍ଠୁର ହେଲେ ବି ଦୁଃଖ ସମୟରେ ସତ୍ୟ, ଧର୍ମ ଓ କର୍ମରଫଳ ଭୋଗିବାକୁ ହୋଇଥାଏ। ତେବେ ବଦଳୁଛି ମଶାଣିର ରୂପ, ବଦଳୁଛି ତା'ର ପରିବେଶ । ଏମିତି ମଶାଣିରେ ସ୍ୱଛତା ଓ ଆଧାତ୍ମିକ ପରିବେଶ ନିରାଶ ମନରେ ଧୈର୍ଯ୍ୟ ଏବଂ ସରସତା ଭରିଦେବାର ନିଆରା ପ୍ରୟାସ ସୃଷ୍ଟିକରେ ।

*-ବନବିହାରୀ ବେହେରା,ଲୋକନାଥ ମିଶ୍ର*



# ଅଜବ ହ୍ୟାଟ୍ ଫ୍ୟାଶନ







**ସୋଲାର ପ୍ୟାନେଲ ଫ୍ୟାନ୍ ହ୍ୟାଟ୍:** ଆଜିକାଲି ସୋଲାର୍ ପ୍ୟାନେଲ୍‌କୁ ଉପଯୋଗ କରି ଅନେକ କାମ ସହଜ ହୋଇପାରୁଥିବା ଦେଖିବାକୁ ମିଳୁଛି। ଏଇ ଯେମିତି ସୋଲାର୍ ପ୍ୟାନେଲ୍ ଯୁକ୍ତ ଫ୍ୟାନ୍ ହ୍ୟାଟ୍। ଏହି ହ୍ୟାଟ୍‌କୁ ମୁଣ୍ଡରେ ପିନ୍ଧି ଖରାକୁ ଗଲେ ଏଥିରେ ଲାଗିଥିବା ସୋଲାର୍ ପ୍ୟାନେଲ୍ ଚାର୍ଜ ହୋଇ ହ୍ୟାଟ୍‌ରେ ଲାଗିଥିବା ଫ୍ୟାନକୁ ଘୂରାଇଥାଏ ; ଯଦ୍ଦ୍ୱାରା ମୁଣ୍ଡକୁ ଥଣ୍ଡା ପବନ ବାଜି ଗରମରୁ ଟିକେ ଆଶ୍ୱସ୍ତି ମିଳେ।

**ଦି ଫ୍ଲାମିଙ୍ଗୋ ହ୍ୟାଟ୍:** ଫ୍ଲାମିଙ୍ଗୋ ଏକ ସୁନ୍ଦର ପକ୍ଷୀ। ଅବିକଳ ଏହି ପକ୍ଷୀ ଡିଜାଇନ୍‌ର ହ୍ୟାଟ୍ ବି ଅଛି। ଯାହାକୁ ପିନ୍ଧି ଯୁବପିଢି ଖାସ୍‌କରି ଯୁବତୀମାନେ ପାଇପାରିବେ ଡିଫରେଣ୍ଟ ଲୁକ୍।

**ଫେସ୍ ମାସ୍କ ହ୍ୟାଟ୍:** କରୋନା ମହାମାରୀ ତଥା ପ୍ରଦୂଷଣରୁ ମୁକ୍ତି ପାଇବା ପାଇଁ ଏବେ ପ୍ରାୟ ସମସ୍ତେ ମୁହଁରେ ମାସ୍କ ପିନ୍ଧୁଛନ୍ତି। ଆଉ ତାକୁ ହିଁ ନଜରରେ ରଖି ଏବେ ମାର୍କେଟକୁ ମାସ୍କ ଲାଗିଥିବା ହ୍ୟାଟ୍ ଆସିଗଲାଣି ; ଯଦ୍ଦ୍ୱାରା ଦୁଇ ପ୍ରକାରର ସୁବିଧା ହୋଇପାରିବ। ପ୍ରଥମରେ ଖରାରୁ ରକ୍ଷା ପାଇଁ ହ୍ୟାଟ୍ କାମରେ ଆସିବ, ଦ୍ୱିତୀୟରେ ଏଥିରେ ଲାଗିଥିବା ମାସ୍କ ଯୋଗୁ ନାକ ଓ ପାଟି ଘୋଡାଇ ହୋଇ ସଂକ୍ରମଣରୁ ମୁକ୍ତି ପାଇହେବ।

**ଦି କ୍ୟାଣ୍ଡି ଡିସ୍ ହ୍ୟାଟ୍:** ଏହି ହ୍ୟାଟକୁ ଯିଏ ଦେଖିବ, ତାଙ୍କ ପାଟିରୁ ଲାଳ ବୋହିବା ସ୍ୱାଭାବିକ। କାରଣ ଏଥିରେ ଲାଗିଛି ଅନେକ ସୁଆଦିଆ ଚକୋଲେଟ୍। ଖରାରୁ ମୁକ୍ତି ଦେବା ସଙ୍ଗେ ସଙ୍ଗେ କିଛି ସମୟ ପାଇଁ କ୍ଷୁଧା ମେଣ୍ଟାଇବାକୁ ଏହି ହ୍ୟାଟ୍ ବେଶ୍ ଉପଯୋଗୀ ହୋଇପାରିବ।

**ଲିଓପାର୍ଡ ପୋନିଟେଲ୍ ହ୍ୟାଟ୍:** ଲିଓପାର୍ଡ ବା ଚିତାବାଘ ଦେହର ପ୍ରିଣ୍ଟ ଥିବା ଏହି ହ୍ୟାଟ୍‌ର ଏକ ବିଶେଷତ୍ୱ ହେଉଛି, ଏଥିରେ ଲାଗିଥିବା ଆର୍ଟିଫିସିଆଲ୍ ପୋନିଟେଲ୍। ଯେଉଁ ଯୁବତୀଙ୍କର ଚୁଟି ଅତି ଛୋଟ, ସେମାନେ ଏହି ହ୍ୟାଟ୍‌କୁ ପିନ୍ଧି ଖରାରୁ ମୁକ୍ତି ପାଇବା ସହ ଲମ୍ବା ଚୁଟିର ଅନୁଭବ ମଧ୍ୟ ନେଇପାରିବେ। ଆଉ ଯେଉଁ ଯୁବତୀଙ୍କର ନିଜର ଲମ୍ବା ଚୁଟି ଅଛି, ସେମାନେ ଚାହିଁଲେ ଏଥିରୁ ଆର୍ଟିଫିସିଆଲ୍ ପୋନିଟେଲ୍‌କୁ କାଢି ତା' ଜାଗାରେ ନିଜ ଚୁଟିକୁ ପୋନିଟେଲ୍ କରି ଷ୍ଟାଇଲିଶ୍ ଲୁକ୍ ପାଇପାରିବେ।

**ଅମ୍ବ୍ରେଲା ହ୍ୟାଟ୍:** ଛତା ଡିଜାଇନ୍‌ର ଏହି ହ୍ୟାଟ୍ ଦେଖିବାକୁ ସିନା କୌତୁକିଆ ଲାଗେ କିନ୍ତୁ ଏହାର ଅନେକ ଫାଇଦା ରହିଛି। ନା ଏହାକୁ ହାତରେ ଧରିବାର ଟେନ୍‌ସନ୍ ଅଛି ନା କେଉଁଠି ଭୁଲ୍‌ରେ ଛାଡିଦେବାର ଭୟ ଅଛି। କାରଣ ଏଥିରେ ଲାଗିଥିବା ଏକ ସ୍ୱତନ୍ତ୍ର ବେଲ୍ଟ ବା ଫିତାକୁ ମୁଣ୍ଡରେ ଗଳାଇଦେଲେ ଏହା ଆରାମରେ ମୁଣ୍ଡ ଉପରେ ଫିକ୍ସ ହୋଇ ରହିଯାଏ। ଉଭୟ ଖରା ଓ ବର୍ଷାଦିନ ପାଇଁ ଏହି ହ୍ୟାଟ୍ ବେଶ୍ ଉପକାରୀ ହୋଇଥାଏ।

**ଗ୍ଲୋ ଇନ୍ ଦ ଡାର୍କ ହ୍ୟାଟ୍:** ଦିନବେଳା ଉହଉହ ଖରାରୁ ମୁକ୍ତି ଦେବା ସହ ଏହି ହ୍ୟାଟ୍ ରାତିରେ ଆମକୁ ଅନ୍ଧାରରେ ବାଟ ଦେଖାଇବାରେ ମଧ୍ୟ ବହୁତ ସାହାଯ୍ୟ କରିଥାଏ। କାରଣ ଏହି ହ୍ୟାଟ୍‌ରେ ଲାଗିଥାଏ ସ୍ୱତନ୍ତ୍ର ଧରଣର ଅଲ୍‌ଟ୍ରା ବ୍ରାଇଟ୍ ଏଲ୍‌ଇଡି ଲାଇଟ୍, ଯାହା ଅନ୍ଧାର ସଂସ୍ପର୍ଶରେ ଆସିବା ମାତ୍ରେ ଲାଇଟିଂ କରିବାକୁ ଆରମ୍ଭ କରିଥାଏ। ଏହି ହ୍ୟାଟ୍‌କୁ ଉଭୟ ପୁରୁଷ ଓ ମହିଳା ଚାହିଁଲେ ବ୍ୟବହାର କରିପାରିବେ।

**ମ୍ୟାନ୍ ଆର୍ଟିଫିସିଆଲ୍ ହେୟାର୍ ହ୍ୟାଟ୍:** ଯେଉଁ ପୁରୁଷଙ୍କ ମୁଣ୍ଡରେ ଚୁଟି ନାହିଁ କିମ୍ବା ଚନ୍ଦାପଣର ସମସ୍ୟା ରହିଛି, ସେମାନଙ୍କ ପାଇଁ ଏବେ ଏକ ସ୍ୱତନ୍ତ୍ର ଧରଣର ହ୍ୟାଟ୍ ଆସିଗଲାଣି। ଆର୍ଟିଫିସିଆଲ୍ ଚୁଟି ଡିଜାଇନ୍‌ର ଏହି ହ୍ୟାଟ୍‌କୁ ମୁଣ୍ଡରେ ଲଗାଇବା ଦ୍ୱାରା ଖରା ଦାଉରୁ ରକ୍ଷା ମିଳିବା ସହ ଚୁଟି ନ ଥିବା ଦୁଃଖକୁ ମଧ୍ୟ କିଛି ସମୟ ପାଇଁ ଭୁଲି ହୋଇଯିବ। ଏହାକୁ କେବଳ ଖରାଦିନେ ନୁହେଁ ବାକି ଦିନମାନଙ୍କରେ ବି ପିନ୍ଧିହେବ।

**ଖରାଦିନେ ସୂର୍ଯ୍ୟଙ୍କର ଉତ୍ତାପରୁ ରକ୍ଷା ପାଇବା ପାଇଁ ଅନେକେ ମୁଣ୍ଡରେ ହ୍ୟାଟ୍ ବ୍ୟବହାର କରିଥାନ୍ତି। କିନ୍ତୁ ଏଠାରେ ଯେଉଁ ହ୍ୟାଟ୍‌ଗୁଡିକ ସମ୍ପର୍କରେ କୁହାଯାଉଛି, ତାହାକୁ ଖରାଦିନେ ବ୍ୟବହାର କରିହେବ ସତ ହେଲେ ଏହାର ଅଜବ ଡିଜାଇନ୍ ଭିନ୍ନ ଲୁକ୍ ଦେବା ସହିତ ଅନ୍ୟମାନଙ୍କର ଦୃଷ୍ଟି ଆକର୍ଷଣ ବି କରିପାରିବ...**













## କଥା ଦେଲି

କଥା ଦେଲି
ଆଖିତଳେ ସ୍ୱପ୍ନ କରି ରଖିଥିବି ସବୁଦିନ
ପଲକ ପଡ଼ିଲେ ତୁମେ ହେଉଥିବ
ଦୀପ୍ତିମନ୍ତ
ଅଳନ୍ଧୁ ଧରିବା ଆଗରୁ
ଝାଡ଼ିଝୁଡ଼ି ଝଲସାଉଥିବି ଆମ ପ୍ରେମକୁ
ଯେତେସବୁ କଳଙ୍କ ଲାଗିଥିବା ସ୍ମୃତିକୁ
ଆଉ ଧୋଇବିନି
ଧୋଇଦେଲେ ସେ ଲିଭିଯିବ
ସେ ଲିଭିଗଲେ ମୁଁ ମରିଯିବି......

କଥା ଦେଲି
ଆମ ପ୍ରେମ ମୋ' ହୃଦୟରେ
ନିଇତି ଗୋଲାପ ହୋଇ ଫୁଟୁଥିବ
ଯେତେଦିନ ଜିଇଥିବି
ମୋ' ଭିତରେ 'ମୁଁ' ନୁହେଁ
ତୁମେ ହିଁ ଜୀବିତ ଥିବ
ସାରା ଜୀବନ ତୁମକୁ କିଛି ଦେଇନାହିଁ
ତୁମେ ବି କିଛି ଦେବାର ନାହିଁ
ହିସାବନିକାଶର ଗଣିତ ଖେଳରେ ନୁହେଁ
ଯଦି ଏ ଦେହ ଥିବ, ତେବେ ତୁମର
ହୋଇଥିବ
ମଶାଣି ଭୂଇଁରେ ଶୋଇଗଲା ପରେ
ଏ ପ୍ରେମକୁ ତା' ଭିତରେ ଅମର
କରିଯିବ......

କଥା ଦେଲି
ଆମେ ଆମ ଭିତରେ ଅଲଗା ହେଇଯିବା
ତୁମେ ଢେର୍ ଦୂରକୁ ଚାଲି ଯାଇଥିବ
ତଥାପି ତୁମ ଅପେକ୍ଷାରେ କିଏ ଜଣେ
ଚାହିଁଥିବ ତା' ଘରର କବାଟ ଖୋଲି
ତୁମେ ଆସ ଅବା ନ ଆସ
ଅବସୋସ, ଅଭିମାନ କିଛି ନାହିଁ
ପ୍ରେମ ଯେ ମୋ' ନିଃଶ୍ୱାସେ ଉଡୁଥିବ
ପ୍ରତିକ୍ଷଣେ
ତୁମ ଲାଗି....
ପ୍ରେମ କ'ଣ କି.....!
ଅନୁଭବଟିଏ ତୋର ଆଉ ମୋର...

*– ସବ୍ୟସାଚୀ ବିଷୋୟୀ*
*କନ୍ଧମାଳ, ନବରଙ୍ଗପୁର*
*ମୋ: ୯୩୪୮୩୩୮୬୭୬*

## ପିଲାଦିନ : ଚାରିଟି ସ୍କେଚ୍

**– ସୁଜାତା ମହାପାତ୍ର**

**ବୋଉ**
ବୋଉ ମରିବା ସାତ ବର୍ଷ ହେଇଗଲାଣି। ହେଲେ ଆଜି ବି ତା' ଦେହରେ ହୋଇଥିବା ସିଗାରେଟ୍ ଚେଙ୍କର ପୋଡ଼ାଦାଗଗୁଡ଼ିକ ମୋ' ଅତୀତକୁ କାଳିମାରେ ଢାଙ୍କି ରଖିଛି। ସେ ମରିନି ଯେ ତରିଯାଇଛି! କିନ୍ତୁ ତା' ପରଠୁ ଆଉ କାହାକୁ ବି ମୁଁ 'ବାପା' ବୋଲି ଡାକିପାରୁନି।

**ପିରିୟଡ୍**
ଯେଉଁଦିନ ମୋତେ ସ୍କୁଲର ଦ୍ୱିତୀୟ ପିରିୟଡ୍‌ରେ ଘରକୁ ପଠେଇ ଦିଆଗଲା, ଆଉ ମୋ' ପଛରେ ଦିନେଶ, କିଶୋର, ସୁରେଶ, ଆଦିତ୍ୟ ଆସିଥିଲେ ମୋ' ଫ୍ରକ୍ ପଛର ଦାଗ ଲୁଚାଇବା ପାଇଁ, ସେ ଦିନଠୁ ପ୍ରତି ରାଖୀପୂର୍ଣ୍ଣିମାରେ ମୋ' ଭାଇ ନ ଥିବା କଥା ମୋତେ ଆଉ କଷ୍ଟ ଦେଉନି।

**ନାନୀ**
ଛୁଟିଦିନେ ଦ୍ୱିପ୍ରହର ଖରାବେଳେ ନାନୀ ପ୍ରତିଦିନ ବୋଉକୁ କାଜୁ ବଗିଚାରେ ଦୋଳି ଖେଳିବୁ କହି ମୋତେ ସାଥିରେ ନେଇଯାଏ। ହେଲେ ମୋତେ ଛାଡ଼ି ସେ କୁଆଡ଼େ ଗାଏବ ହୋଇଯାଏ କେଜାଣି, କାଜୁ ବଗିଚାରେ ମୁଁ ଏକା ହିଁ ସନ୍ଧ୍ୟାଯାଏ ଦୋଳିରେ ଝୁଲୁଥାଏ। ଯେଉଁଦିନ ସେ ମୋତେ ନ ନେଇ ଏକା ଏକା ଗଲା, କାଜୁ ବଗିଚାର ଦୋଳି ଲାଗିଥିବା ସେହି ଲମ୍ୱାଗଛର ସବୁଠୁ ଶକ୍ତ ଡାଳରୁ ତା' ଦେହ ବିନା ପୋଷାକରେ ଝୁଲୁଥିଲା।

**ନୂଆଖୁଡ଼ୀ**
ନୂଆଖୁଡ଼ୀ ଆସିବେ ବୋଲି ଖିରି, ପୁରି, ଭୋଜିଭାତ ଖୁବ୍ ଜମିଥିଲା। ଶଙ୍ଖ ହୁଳହୁଳି ଭୋଜିଭାତରେ ଖୁଡ଼ୀ ଆସିଲେ।
ପରଦିନ ସବୁଠୁ ବଡ଼ ଖଞ୍ଜା ବୋଲି ଖ୍ୟାତଥିବା ଆମ ଅଗଣାର ଆର ଭାଗଟି ଆମ ପାଇଁ ଅପହଞ୍ଚ ହୋଇ ଯାଇଥିଲା।
ବାଡ଼ିପଟେ ଜେଜୀ ଓ ବୋଉ କାନ୍ଦୁଥିବା ବେଳେ ଖୁଡ଼ୀ କକାଙ୍କୁ ସାଥିରେ ନେଇ ସେହି ଅପହଞ୍ଚ ଇଲାକାର ଖୁବ୍ ଦୂରକୁ ଚାଲି ଯାଇଥିଲେ।

–ଶିବାନୀ ଏନ୍‌କ୍ଲେଭ୍, ବମିଖାଲ
କେନାଲରୋଡ, ଭୁବନେଶ୍ୱର
ମୋ:୯୪୩୭୩୬୦୯୬୪

## ଅବ୍ୟକ୍ତ

ଯା !
ଦେଇଦେଲି ତତେ ନିଃସଙ୍ଗତାର
ତମାମ ରାସ୍ତା
ସହଯାତ୍ରୀ ହେବାର ଶେଷ ଆଶା,
ଆଉ ଟିକେ ମିଠ ଫର୍ଦ୍ଦା କର
ଦରଆଉଜା କୁହୁଡ଼ିଆ ସକାଳକୁ
ତୋ'ର
ହୋଇପାରେ ସାରାଟା ଜୀବନ ଏମିତି
ସଂଜ୍ଞା ନେଉ
ପ୍ରତିଶ୍ରୁତିର ଏକ ଅଲିଖିତ ବାର୍ତ୍ତା।

**–ସ୍ମୃତିରଞ୍ଜନ ତ୍ରିପାଠୀ**
*ଜଟଣୀ, ଖୋର୍ଦ୍ଧା*
*ମୋ: ୯୪୩୮୩୧୫୩୮୧*



# ଲଭ୍ ୟୁ ଜାନୁ



କିଶୋର-ପୁନମ

ପ୍ରେମର ରାସ୍ତା କଣ୍ଟକିତ। ନିଜର ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ ବେଳେବେଳେ ବାଧାବିଘ୍ନର ସାମ୍ନା କରିବାକୁ ପଡ଼ିଥାଏ। ଏକ ସତ ଘଟଣା ଉପରେ ଆଧାରିତ ପ୍ରେମ କାହାଣୀକୁ ନେଇ ନିର୍ମିତ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ଲଭ୍ ୟୁ ଜାନୁ'। ଏଥିରେ କେବଳ ଲଭ୍ ନୁହେଁ, ପ୍ରତିଶୋଧ ଏବଂ ଭାବପ୍ରବଣତା ମଧ୍ୟ ରହିଛି। ତନ୍ମୟ ପ୍ରଡକ୍ସନ ବ୍ୟାନରରେ ପ୍ରସ୍ତୁତ ହେବାକୁ ଯାଉଥିବା ଏହି ପ୍ରଥମ ସିନେମାଟିର ପ୍ରଯୋଜନା କରିଛନ୍ତି ନବାଗତ ଜିତେନ୍ଦ୍ର ଓଝା। ଲିପୁନ୍‌ଙ୍କ ସହ-ପ୍ରଯୋଜନାରେ ଚିତ୍ରଟିର ସଂଳାପ ରଚନା କରିଛନ୍ତି ବୈଜୟନ୍ତୀ ମିଶ୍ର। ତା'ସହ ପ୍ରଥମ ଥର ପାଇଁ ନିର୍ଦ୍ଦେଶନା ଭାର ସମ୍ଭାଳୁଛନ୍ତି ଦିବ୍ୟଜ୍ୟୋତି ପାତ୍ର ଓରଫ ଦୀପୁ। ଚଳଚ୍ଚିତ୍ରରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଆଗଧାଡ଼ିର ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାର। ଖାସ୍ କଥା ହେଲା, ନବାଗତ କିଶୋର କୁମାର ଏହି ଫିଲ୍ମରୁ ତାଙ୍କର ଓଲିଉଡ୍ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି। ତାଙ୍କ ସହ ନାୟିକା ଭାବରେ ସ୍କ୍ରିନ୍ ଶେୟାର କରୁଛନ୍ତ ପୁନମ ମିଶ୍ର। କିଶୋର-ପୁନମଙ୍କ ବ୍ୟତୀତ ପ୍ରଦ୍ୟୁମ୍ନ ଲେଙ୍କା, ପ୍ରିୟଙ୍କା ମହାପାତ୍ର, ମନୀଷା ମିଶ୍ର, ଜୟପ୍ରକାଶ ଦାସ, ଜିତୁ, ଭକ୍ତି, ସୀମା, ଜ୍ଞାନ, ମୋନାଲିସା, ମହିମା ଏହି ଫିଲ୍ମରେ ଅଭିନୟ କରୁଛନ୍ତି।

# ଦୀପିକା ଯାହା ଚାହୁଁଥିଲେ..

ଦୀପିକା ଯାହା ଚାହୁଁଥିଲେ ତାହା ପୂରଣ ହେବାକୁ ଯାଉଛି। ଯଦି ତାହା ସତରେ ପରିଣତ ହୁଏ ତେବେ କେବଳ ଦୀପିକା ନୁହନ୍ତି ନିର୍ଦ୍ଦେଶକ ମଧୁ ମନ୍ତେନାଙ୍କ ଟେନସନ ମଧ୍ୟ ଦୂର ହୋଇଛି। ଅସଲ କଥା ହେଲା ମଧୁଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହେବାକୁ ଯାଉଛି ବିଗ୍ ବଜେଟ୍ ହିନ୍ଦୀ ସିନେମା 'ରାମାୟଣ ଥ୍ରୀଡି'। ଏଥିରେ ସୀତା ଭୂମିକାରେ ଦୀପିକା ପାଦୁକୋନ୍ ଅଭିନୟ କରିବେ। ହେଲେ ରାମ କିଏ ହେବ? ସେ ନେଇ ଗତ କିଛି ମାସ ହେବ କଳ୍ପନା ଜଳ୍ପନା ଲାଗି ରହିଥିଲା। ପ୍ରଥମେ ଶୁଣିବାକୁ ମିଳିଲା ଯେ, ପ୍ରଭାସଙ୍କୁ ଏଥିପାଇଁ ସାଇନ୍ କରାଯିବ। ହେଲେ ଠିକ୍ ବେଳକୁ ଓମ୍ ରାଓ୍ୱତ 'ଆଦିପୁରୁଷ' ପାଇଁ ପ୍ରଭାସଙ୍କୁ ଚୁକ୍ତିବଦ୍ଧ କରିଥିଲେ। ତା'ପରେ ହ୍ରିତିକ ରୋଶନଙ୍କ ନାମ ବିଚାରକୁ ନିଆଗଲା। ହେଲେ ଶେଷରେ ତାଙ୍କୁ ରାବଣ ଭୂମିକା ପାଇଁ ସାଇନ୍ କରାଯାଇଛି। ଏବେ ମହେଶ ବାବୁଙ୍କୁ ଏଥିପାଇଁ ଅଫର୍ ଦିଆଯାଇଛି। ଏ ନେଇ ଶେଷ ନିଷ୍ପତ୍ତି ନେବାକୁ ମହେଶ ଦୁଇ ସପ୍ତାହ ସମୟ ମଧ୍ୟ ନେଇଛନ୍ତି। ପ୍ରଥମେ କୁଆଡେ ଏ ନେଇ ମହେଶଙ୍କୁ ଯୋଗାଯୋଗ କରିବାକୁ ଦୀପିକା ପ୍ରପୋଜାଲ ଦେଇଥିଲେ। ଶେଷରେ ତାହା ହିଁ ହୋଇଛି। ହେଲେ ସବୁ କିଛି ଏବେ ମହେଶଙ୍କ ଉପରେ ହିଁ ନିର୍ଭର କରେ।



ଦୀପିକା

# ଟ୍ରୋଲ୍ ହେଲେ ସାରା



ବଲିଉଡ୍ ଆକ୍ଟ୍ରେସ୍ ସାରା ଅଲ୍ଲୀ ଖାଁ ତାଙ୍କର ଡ୍ରେସିଂ ସେନ୍ସ ପାଇଁ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି। ଏଇ ନିକଟରେ ସେ ଲୋକପ୍ରିୟ ଡିଜାଇନର୍ ମନୀଷ ମଲ୍‌ହୋତ୍ରାଙ୍କ ଦ୍ୱାରା ଡିଜାଇନ୍ କରାଯାଇଥିବା ଏକ ଲେହେଙ୍ଗା ପିନ୍ଧି ଫଟୋ ଶୁଟ୍ କରାଇଥିଲେ। ହେଲେ ସେହି ଫଟୋଗୁଡ଼ିକ ସୋସିଆଲ୍ ମିଡିଆରେ ସେୟାର୍ ହେବା ପରେ ମିଡିଆ ୟୁଜର୍ସମାନେ ତାଙ୍କୁ ଖୁବ୍ ଟ୍ରୋଲ୍ କଲେ। କାରଣ ସେହି ଲେହେଙ୍ଗାର ବ୍ଲାଉଜ୍ ଥିଲା ପୂରା ବ୍ୟାକ୍‌ଲେସ୍ ; ଦେହରେ ଲାଖି ହୋଇ ରହିବା ପାଇଁ ସେଥିରେ କୌଣସି ସପୋର୍ଟ ବି ନ ଥିଲା। ଫଟୋରୁ ଲାଗୁଥିଲା ବ୍ଲାଉଜ୍‌ଟିକୁ ପିନ୍ଧିବା ମାତ୍ରେ ତାହା ଦେହରୁ ଖସିପଡିବ କି! ସେଥିପାଇଁ ସାରାଙ୍କ ସହ ମନୀଷଙ୍କୁ ବି ଟ୍ରୋଲ୍ ହେବାକୁ ପଡିଥିଲା। ଶେଷରେ ବାଧ୍ୟ ହୋଇ ମନୀଷ ମୁହଁ ଖୋଲିଲେ ଆଉ କହିଲେ, ଲେହେଙ୍ଗାର ବ୍ଲାଉଜଟି ପୂରା ବ୍ୟାକ୍‌ଲେସ୍ ନ ଥିଲା, ସେଥିରେ ନେଟ୍ ଲାଗିଥିଲା। କିନ୍ତୁ ତାହା ସ୍କିନ୍ କଲର୍‌ର ହୋଇଥିବାରୁ ଫଟୋରେ ନେଟ୍‌ଟି ଜଣାପଡୁ ନ ଥିଲା।

# ପଢ଼ାପଢ଼ିରେ ମନ

ବସିବାଠାରୁ କାଶିବା ଭଲ। ଏବେ ତ ସେ ଅଭିନୟ କରିବାକୁ ଯାଉଥିବା ଫିଲ୍ମର ଶୁଟିଂ ଆରମ୍ଭ ହେବାକୁ ଆଉ ୨-୩ ମାସ ବିଳମ୍ବ ହେବ। ତେଣୁ ଏହି ସମୟ ଭିତରେ ସେ ଆଉ ଏକ କାମରେ ମନୋନିବେଶ କରିଛନ୍ତି। ତାହା ହେଲା ବହି ପଢ଼ିବା। ନାମୀ ଲେଖକଙ୍କର ବହି ସଂଗ୍ରହ କରି ସେଗୁଡ଼ିକୁ ପଢୁଛନ୍ତି। ସେ ହେଲେ ସୋନାକ୍ଷୀ ସିହ୍ନା। ଏ ସମ୍ପର୍କରେ ଦବଙ୍ଗ ଗର୍ଲ କହନ୍ତି, 'ଏବେ ତ କିଛି କାମ ନାହିଁ। ତେଣୁ ଭଲ ଭଲ ଲେଖକଙ୍କ ବହି ପଢୁଛି। ସ୍କୁଲ ସମୟରୁ ନାମୀ ଲେଖକଙ୍କର ବହି ସଂଗ୍ରହ କରିବା ମୋର ଏକ ଅଭ୍ୟାସରେ ପରିଣତ ହୋଇଥିଲା। ଏହି ଅଭ୍ୟାସକୁ ଏ ପର୍ଯ୍ୟନ୍ତ ଜାରି ରଖିଛି। ଯା ଭିତରେ ମୋ ମନରେ ୨-୩ଟି ଭଲ କାହାଣୀ ରହିଛି, ଯାହାକୁ ନେଇ ସୁନ୍ଦର ସିନେମା ନିର୍ମାଣ କରାଯାଇପାରିବ। ଆଉ ଏକ କଥା। କରୋନା ପାଇଁ ଏଥର ହୋଲି ଖେଳିବାକୁ ପସନ୍ଦ କରି ନ ଥିଲି। ଏହି ଦିନ ମୁଁ ସୋସିଆଲ ମିଡିଆର ମୋ ପ୍ରଶଂସକଙ୍କ ସହ ଚାଟିଂ କରିଥିଲି।'



ସୋନାକ୍ଷୀ

# କାର୍ତ୍ତିକଙ୍କ ପ୍ରଶଂସାରେ କ୍ୟାଟ୍ରିନା

କ୍ୟାଟ୍ରିନାଙ୍କ ମୁହଁରେ ଏବେ ଜଣଙ୍କର ପ୍ରଶଂସା ଶୁଣିବାକୁ ମିଳୁଛି। ସେ କିଏ ଜାଣନ୍ତି ? କାର୍ତ୍ତିକ ଆର୍ଯ୍ୟନ। ଦୁହେଁ ଏବେ ଶାହରୁଖଙ୍କ ପ୍ରଯୋଜିତ ନୂଆ ସିନେମାରେ ଏକାଠି ଅଭିନୟ କରିବାକୁ ଯାଉଛନ୍ତି। ଅବଶ୍ୟ ଏନେଇ କାର୍ତ୍ତିକ ପ୍ରଥମେ ଦୋଛକିରେ ପଡିଥିଲେ। ହେଲେ ଶେଷରେ କ୍ୟାଟ୍ରିନାଙ୍କ ସହ ଆକ୍ଟିଂ କରିବାକୁ ରାଜି ହୋଇଥିଲେ। ଅର୍ଥାତ୍,ଏହି ଫିଲ୍ମର ଶୁଟିଂ ପାଇଁ ସେ ଅଭିନୟ କରିବାକୁ ଯାଉଥିବା ବେଳେ ଆଉ ଏକ ସିନେମାର ଶୁଟିଂ ଡେଟ୍‌କୁ କିଛି ମାସ ଘୁଞ୍ଚାଇ ଦେଇଛନ୍ତି। ଶାହରୁଖଙ୍କ ହୋମ୍ ବ୍ୟାନର ରେଡ୍ ଚିଲ୍ଲିଜ ଏଣ୍ଟରଟେନମେଣ୍ଟରେ ନିର୍ମିତ ହେବାକୁ ଯାଉଥିବା ଏହି ସିନେମାର ଟାଇଟଲ ରହିଛି 'ଫ୍ରେଡି'। ସେପଟେ ଏପରି ଅଫର ପାଇବା ପରେ ଉଭୟ ଶାହରୁଖ ଏବଂ କ୍ୟାଟ୍ରିନାଙ୍କୁ ପ୍ରଶଂସା କରିବାକୁ ଭୁଲି ନାହାନ୍ତି କାର୍ତ୍ତିକ। କେବଳ ସେତିକି ନୁହେଁ, ଏହି ଫିଲ୍ମରେ ଶାହରୁଖ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିବାର ଯୋଜନା ରହିଛି।



କ୍ୟାଟ୍ରିନା

# ଶହୀଦ ରଘୁ ସର୍ଦ୍ଦାର

ଆମ ରାଜ୍ୟର ଅନ୍ୟତମ ନାମୀ ସ୍ୱାଧୀନତା ସଂଗ୍ରାମୀ ହେଉଛନ୍ତି ଶହୀଦ ରଘୁ ସର୍ଦ୍ଦାର। ତାଙ୍କ ଜୀବନର ବୀରତ୍ୱ ଗାଥାକୁ ସିନେମାରେ ସଜାଇଛନ୍ତି ନବାଗତ ପ୍ରଯୋଜକ ଡା. ବିଶ୍ୱନାଥ ପଟ୍ଟନାୟକ। ଚିତ୍ରଟିର ଟାଇଟଲ ରହିଛି 'ଶହୀଦ ରଘୁ ସର୍ଦ୍ଦାର। ଏପରି ଏକ ଐତିହାସିକ କାହାଣୀକୁ ସଂଳାପର ରୂପ ଦେଇଛନ୍ତି ଆଗଧାଡିର ସଂଳାପକାର ଡ. ରଜନୀ ରଞ୍ଜନ। ଫିଲ୍ମର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ଦେବାଶିଷ ପାତ୍ର। 'ଏହି ଭୂମିକା ମୋ ଆକ୍ଟିଂ କ୍ୟାରିୟରରେ ପାଇଁ ଏକ ଚ୍ୟାଲେଞ୍ଜ୍ ପରି ଥିଲା। ମୋତେ ଦିଆଯାଇଥିବା ଦାୟିତ୍ୱ ମୁଁ ତୁଲାଇଛି, ବାକିସବୁ ଦର୍ଶକଙ୍କ ଉପରେ ନିର୍ଭର କରେ ବୋଲି କହନ୍ତି ଦେବାଶିଷ। ଏହି ଫିଲ୍ମରେ ତାଙ୍କ ସହ ନାୟିକା ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି କାବ୍ୟା। ଏମାନଙ୍କ ବ୍ୟତୀତ ଜିନା, ଟ୍ୱିଙ୍କିଲ୍, ରୁଦ୍ର, ସନ୍ତୋଷ, ପିଣ୍ଟୁ ନନ୍ଦ, ଅକ୍ଷୟ ବସ୍ତିଆ, ସୁଧାକର ବସନ୍ତ ଏବଂ ରାଜୀବ ମହାନ୍ତି ଅଭିନୟ କରିଛନ୍ତି। ଅରୁଣ ମନ୍ତ୍ରୀ, ବିଜୟ ମଲ୍ଲ ଏବଂ ରଞ୍ଜନ ଦାଶଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ବିକାଶ ଶୁକ୍ଳା। ଅପରପକ୍ଷରେ ଫିଲ୍ମର ସଫଳତାକୁ ନେଇ ବେଶ୍ ଆଶା ବାନ୍ଧିଛନ୍ତି ଏହାର ନିର୍ଦ୍ଦେଶକ ରାଜୀବ ମହାନ୍ତି।

# ଫୁଟ୍‌ବଲ ମାୟାରେ ଅଜୟ

ଅଜୟ ଦେବଗନଙ୍କୁ ଏବେ ଫୁଟବଲ ନିଶା ଘାରିଛି। ଶୟନେ, ସପନେ ସେ ଫୁଟବଲ୍ ହିଁ ଦେଖୁଛନ୍ତି। ଅସଲ କଥା ହେଲା ଏବେ ସେ ଫୁଟବଲ ପ୍ରଶିକ୍ଷଣ ଦେବା ଆରମ୍ଭ କରିଦେଇଛନ୍ତି। ଯେହେତୁ ଏପରି ଏକ ଗୁରୁଦାୟିତ୍ୱ ତୁଲାଉଛନ୍ତି ତେଣୁ ଫୁଟବଲକୁ ନେଇ ଚିନ୍ତା କରିବା ସ୍ୱାଭାବିକ କଥା। କିନ୍ତୁ ଏପରି ଘଟଣାର ସଂଯୋଗ ରହିଛି ଅଜୟଙ୍କ ରିଲ୍ ଲାଇଫ ସହ। ଅର୍ଥାତ୍ ଖୁବ୍ ଶୀଘ୍ର ଏହି ଅଭିନେତା ବଡ ପରଦାରେ ଜଣେ ଫୁଟବଲ କୋଚ୍ ଭାବରେ ଦେଖାଦେବେ। ବୋନି କପୁରଙ୍କ ପ୍ରଯୋଜିତ ଏହି ଫିଲ୍ମଟିର ଟାଇଟଲ୍ ରହିଛି 'ମଇଦାନ୍'। ଏହି ଫିଲ୍ମରେ ଅଜୟଙ୍କ ନାୟିକା ସାଜିଛନ୍ତି ପ୍ରିୟାମଣି। ସିନେମାଟି ଚଳିତ ବର୍ଷ ଅକ୍ଟୋବର ୧୫, ଦଶହରାରେ ରିଲିଜ ହେବାର ଯୋଜନା ରହିଛି। ଏହି ସମୟରେ ଅଜୟ ଦେବଗନଙ୍କ ଅଭିନୀତ ଆଉ ଏକ ଚଳଚ୍ଚିତ୍ର ତଥା ଏସ୍‌ଏସ୍ ରାଜମୌଳିଙ୍କ ନିର୍ଦ୍ଦେଶିତ 'ଆର୍‌ଆର୍‌ଆର୍' ଚଳଚ୍ଚିତ୍ର ମଧ୍ୟ ରିଲିଜ୍ ହେବ। ସେଥିପାଇଁ ବୋନି କପୁର ଚିନ୍ତାରେ ଅଛନ୍ତି। ତେବେ ଏହି ଦୁଇ ଚଳଚ୍ଚିତ୍ର ମଧ୍ୟରୁ କେଉଁଟିରେ ଅଜୟଙ୍କ ଅଭିନୟ ଲୋକଙ୍କ ମନ ଜିଣୁଛି ତାହା ଆଗକୁ ଜଣାପଡିବ।



ଅଜୟ

ପ୍ରଥମ ରୋଜଗାର

# ଦରମା ଟଙ୍କାରେ ବହି କିଣୁଥିଲି



ଅବସରପ୍ରାପ୍ତ ଶିକ୍ଷକ ତଥା ସାହିତ୍ୟିକ ଲକ୍ଷ୍ମୀଧର ମହାରଣା (ପରଭୃତ)ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

କଟକର ଟାଙ୍ଗୀ ଅଞ୍ଚଳରେ ମୋ ଜନ୍ମ। ଟାଙ୍ଗୀ ବିଦ୍ୟାପୀଠରୁ ୧୯୭୦ରେ ଏକାଦଶ ପାସ୍ କରିବା ପରେ ବେଶ୍ କିଛିଦିନ ଘରେ ରହି ଇଂଲିଶର ବିଭିନ୍ନ ପୁସ୍ତକ ଆଣି ପଢାପଢି କରୁଥିଲି। କାରଣ ସେ ସମୟରେ ଇଂଲିଶରେ ମୁଁ ଟିକେ ଦୁର୍ବଳ ଥିଲି। ତା'ପରେ ମୋତେ ଶିକ୍ଷକତା କରିବା ପାଇଁ ସୁଯୋଗ ମିଳିଲା। ଦୁଇ ବର୍ଷ ଟ୍ରେନିଂ ନେବା ପରେ ୧୯୭୯ରେ ପ୍ରତାପନଗରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ପୋଷ୍ଟିଂ ହୋଇଥିଲା। କିଛିଦିନ ପରେ ମୋର ବଦଳି ହେଲା ଆଉ ମୁଁ ଟାଙ୍ଗୀ ଚୌଦ୍ୱାର ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକତା କରି ଶେଷରେ ଜୟପୁର ପ୍ରାଥମିକ ବିଦ୍ୟାଳୟରୁ ୨୦୧୨ରେ ଚାକିରିରୁ ଅବସର ନେଇଥିଲି। ଅବଶ୍ୟ ତା'ରି ଭିତରେ ମୁଁ ପ୍ରାଇଭେଟ୍‌ରେ ପଢି ବି.ଏ. ପାସ୍ କରି ସାରିଥିଲି। ତେବେ ଚାକିରି କରିବା ପୂର୍ବରୁ ମୋର ସାହିତ୍ୟ ପ୍ରତି ବେଶ୍ ଆଗ୍ରହ ବଢ଼ିସାରିଥିଲା। ମୁଖ୍ୟତଃ କବିତା ଲେଖିବା ସହ ବିଭିନ୍ନ ପ୍ରକାରର ବହି ଖାସ୍‌କରି କବିତା, ଆଲୋଚନା ତଥା ଧର୍ମକଥା ସମ୍ବନ୍ଧୀୟ ପୁସ୍ତକ ସଂଗ୍ରହ କରି ପଢୁଥିଲି। ଆଉ ଚାକିରି କରିବା ପରେ ଏହି ଅଭ୍ୟାସ ମୋର ଆହୁରି ବଢ଼ିଗଲା। ପ୍ରତିମାସ ଦରମା ପାଇବା ମାତ୍ରେ କଟକ ଯାଇ ଗୁଡ଼ାଏ ବହି କିଣିଆଣି ପଢ଼ାପଢ଼ି କରୁଥିଲି। ତା'ସହିତ ଘରକୁ ବି କିଛି ଟଙ୍କା ଦେଉଥିଲି। କାରଣ ଘରର ଆର୍ଥିକାବସ୍ଥା ସେତେ ଭଲ ନ ଥିଲା। ବାପା ଶଗଡ଼ ଚକ ତିଆରି କରି ବହୁ କଷ୍ଟରେ ପରିବାର ଚଳାଉଥିଲେ। ଚାରି ଭାଇଭଉଣୀ (ତିନି ଭାଇ ଓ ଗୋଟେ ଭଉଣୀ) ମଧ୍ୟରେ ଯେହେତୁ ମୁଁ ବଡ଼ ଥିଲି, ତେଣୁ ବାପାଙ୍କୁ ସାହାଯ୍ୟ କରିବାକୁ ପ୍ରତିମାସ ଦରମା ଟଙ୍କାରୁ ଅଧା ଘରେ ଦେଇ ଦେଉଥିଲି। ଏମିତି ଭାବେ ସମୟ ଗଡିଚାଲିଲା, ଆଉ ତା'ସହିତ ତାଳଦେଇ ଲେଖାଲେଖିର ଧାରା ବି ମୋର ଆଗେଇଲା। ବିଶେଷକରି କବିତା, ଧର୍ମକଥା, ସନେଟ୍ (୧୪ଟି ଧାଡି ଭିତରେ ସୀମିତ କବିତା) ଲେଖା ମୁଁ ବହୁତ ଲେଖିଲି। ପିଲାଦିନେ ଅନେକ ପାଲା ଦେଖୁଥିଲି ଆଉ ଶୁଣୁଥିଲି, ଧୀରେ ଧୀରେ ପାଲା ସାହିତ୍ୟ ପ୍ରତି ଆକୃଷ୍ଟ ହେଲି। ତା'ସହିତ ଆମ ଘର ପାଖରେ ଗୋଟିଏ ଆଶ୍ରମ ଥିଲା, ସେଠାରେ ବାବାଜୀ ବୈଷ୍ଣବ ଚରଣ ଦାସ ନାମରେ ଜଣେ ସାଧୁ ରହୁଥିଲେ। ସେ ଅନେକ ବହି (ବିଶେଷକରି କବିତା) ଲେଖିଥିଲେ। ତାଙ୍କରି ସଂସ୍ପର୍ଶରେ ଆସି ମୋ ଭିତରେ ବି କବିତା ଲେଖିବାକୁ ଆଗ୍ରହ ସୃଷ୍ଟି ହୋଇଥିଲା। ୯ମ ଶ୍ରେଣୀରୁ ମୁଁ ଛୋଟ ଛୋଟ କବିତା ଲେଖିବା ଆରମ୍ଭ କରିଥିଲି। ସେତେବେଳେ ଭକ୍ତି କବିତା ଲେଖୁଥିଲି। ପରେ ପ୍ରେମ, ସାମାଜିକ ଚିନ୍ତା, ସନେଟ୍ କବିତା ଲେଖିବା ଆରମ୍ଭ କରିଥିଲି। ପ୍ରାଥମିକ ବିଦ୍ୟାଳୟରେ ଚାକିରି କରିବା ପରେ ଶିଶୁ କବିତା ଲେଖିବାର ଧାରା ମୋର ଆରମ୍ଭ ହୋଇଥିଲା। ଯା'ଭିତରେ ୫୦୦ରୁ ଊର୍ଦ୍ଧ୍ୱ ଶିଶୁ କବିତା ମୁଁ ଲେଖିସାରିଛି; ତନ୍ମଧ୍ୟରୁ ଅଧିକାଂଶ କବିତା ବିଭିନ୍ନ ଖବରକାଗଜ ତଥା ପତ୍ରପତ୍ରିକାରେ ପ୍ରକାଶିତ ମଧ୍ୟ ହୋଇସାରିଛି। ଏପରି କି 'କୁନି ରାଇଜର ବଗୁଲା ବଗୁଲି' ନାମରେ ଏକ କବିତା ସଂକଳନ ବି ମୋର ପ୍ରକାଶିତ ହୋଇଛି। ତା'ସହିତ ବିଭିନ୍ନ ପର୍ବପର୍ବାଣି, ବିଭିନ୍ନ ଦିବସ, ବିଶିଷ୍ଟ ବ୍ୟକ୍ତିମାନଙ୍କ ଉପରେ ଆଧାର କରି ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ସନେଟ୍ ବି ମୁଁ ଲେଖିଛି। ସେହିପରି ଧର୍ମକଥା ସମ୍ବନ୍ଧୀୟ ଅନେକ ଲେଖା ବି ଲେଖିଛି ଆଉ ତାହା ଖବରକାଗଜରେ ପ୍ରକାଶିତ ହୋଇ ମୋତେ ବହୁ ପାଠକୀୟ ପ୍ରଶଂସା ବି ମିଳିସାରିଛି। ରାଜମହିଷୀ ନାମରେ ଏକ ଅନୁବାଦ ଉପନ୍ୟାସ ବି ଲେଖିଛି। ତେବେ 'ଯେ ଗୀତ ଗାଇଲି' ଓ 'ଶୁଷ୍କ ସିନ୍ଧୁ' ନାମରେ ଦୁଇଟି ସନେଟ୍ ସଂକଳନ ଚାକିରି ସମୟରେ ପ୍ରକାଶ କରିଥିଲି। ଆଉ ଚାକିରିରୁ ଅବସର ପରେ 'ବାନପ୍ରସ୍ଥି ଦର୍ଶନ' (କବିତା ସଂକଳନ) 'ଅବ୍ୟକ୍ତ ଆର୍ତ୍ତନାଦ' (ସନେଟ୍ ସଂକଳନ), 'ମହାବାହୁ' (ଭକ୍ତି କବିତା ସଂକଳନ), 'ଆଲୋକିତ ଉପବନ' (ଚୁନା କବିତା ସଂକଳନ) ନାମରେ ୪ଟି ପୁସ୍ତକ ମୋର ଗ୍ଲସି ପେପର୍‌ରେ ପ୍ରକାଶିତ ହୋଇଛି। ଲେଖାଲେଖି ବ୍ୟତୀତ କବିତା ଆବୃତ୍ତି କରିବାରେ ବି ମୋର ବେଶ୍ ନା ରହିଛି। ସେଥିପାଇଁ ମୋତେ 'ପରଭୃତ' ନାମରେ ଏକ ଉପନାମର ଆଖ୍ୟା ମିଳିଛି। ତା'ଛଡ଼ା ଡାଳିଯୋଡା ସାହିତ୍ୟ ସଂସଦ, ଚୌଦ୍ୱାର ସାହିତ୍ୟ ସଂସଦ, ଉତ୍କଳ ସାହିତ୍ୟ ସମାଜ ଏବଂ ଓଡ଼ିଶା ଶିଶୁ ସାହିତ୍ୟ ଲେଖକ ସମ୍ମିଳନୀର ମୁଁ ଆଜୀବନ ସଦସ୍ୟ ମଧ୍ୟ ରହିଛି।

# ଲାଜୁଆ ହସକୁ ବାଙ୍କ ଚାହାଣୀ କେବେ ଆସିବ ମୋ ମନର ରାଣୀ



ସାଥୀ

**ପ୍ରଶ୍ନ**–ପ୍ରେମ କରି କରି ମୁଁ ପୁରା ବୋର୍ ହୋଇଗଲିଣି। ଏବେ କ'ଣ କରିବି ଜାଣିପାରୁନାହିଁ। ମୋତେ କିଛି ଉପାୟ ବତାଇବେ କି ସାଥୀ ? –ସୁନୀତ, ବ୍ରହ୍ମପୁର

**ଉତ୍ତର:** ପ୍ରେମ ଯଦି ପାଣିଚିଆ ହୋଇଥାଏ ତେବେ ବୋରିଂ ଲାଗେ। ସଠିକ ତରିକାରେ ପ୍ରେମ କଲେ ସବୁବେଳେ ଲାଗେ 'ସୋନେ ପେ ସୁହାଗା' ପରି। ବୋଧହୁଏ ଆପଣଙ୍କ ପ୍ରେମରେ କେଉଁଠି କେଁ ରହିଯାଉଛି ଯେଉଁଥିପାଇଁ ଆପଣ ପ୍ରେମ କରି କରି ବୋର୍ ହୋଇଗଲେଣି। ଅସଲି ପ୍ରେମରେ ମନ ଦିଅନ୍ତୁ, ଦେଖିବେ ପ୍ରେମ କେମିତି ସବୁବେଳେ ରସଗୋଲା ପରି ମିଠା ମିଠା ଲାଗିବ।

**ପ୍ରଶ୍ନ**–ତାହାର ଲାଜୁଆ ହସ ମୋତେ ପାଗଳ କରିଛି। ହେଲେ ସେ କେବେ ମୋ ମନର ରାଣୀ ସାଜିବ ସେହି ସମୟକୁ ହିଁ ଅପେକ୍ଷା କରିବସିଛି। ସେ ସମୟ କେବେ ଆସିବ ? –ତପନ, ରାଉରକେଲା

**ଉତ୍ତର:** 'ଲାଜୁଆ ହସକୁ ବାଙ୍କ ଚାହାଣୀ, କେବେ ଆସିବ ମୋ ମନର ରାଣୀ।' ହେଲେ ଆପଣ ସପନ ରାଇଜରେ ଘୁରି ଘୁରି ପ୍ରେମରେ ପାଗଳ ହୋଇଯାଇନାହାନ୍ତି ତ? ଯଦି ସେହି ଝିଅର ଲାଜୁଆ ହସରେ ଆପଣ ଘାଇଲା, ତେବେ ତାକୁ ନିଜ ମନର କଥା କହିବାକୁ ବିଳମ୍ବ କରୁଛନ୍ତି କିଆଁ ? ଶୁଭସ୍ୟ ଶିଘ୍ରମ। ତେଣୁ କାଳ ବିଳମ୍ବ ନ କରି ସମୟ ସୁବିଧା ଦେଖି ମନ ଭିତରେ ଲୁଚି ରହିଥିବା କଥାଗୁଡିକ ସେହି ସୁନ୍ଦରୀ ସାମନାରେ ଓଗାଳି ପକାନ୍ତୁ। ଯଦି ପାଣିପାଗ ଠିକ୍ ରହିଲା, ତେବେ ଆପଣଙ୍କ ପ୍ରେମର ଗାଡି ନନ୍‌ଷ୍ଟପ ବସ୍ ପରି ଆଗକୁ ଗଡି ଚାଲିବ।

**ପ୍ରଶ୍ନ**–ମୁଁ ତାଙ୍କୁ ମନେ ମନେ ମୋ ମନର ଦେବତା ବୋଲି ଭାବିନେଇଛି। ତାଙ୍କ ବିନା ମୁଁ ଆଉ କାହାକୁ ବିବାହ କରିବି ନାହିଁ। ହେଲେ ତାଙ୍କୁ କେମିତି ପାଇବି ତାହାର ଉପାୟ ବତାଇବେ କି ସାଥୀ ? –ତନୁ, କେନ୍ଦ୍ରାପଡା

**ଉତ୍ତର:** ଆପଣ ଯାହାଙ୍କୁ ନେଇ ଏତେ ସପନ ଦେଖୁଛନ୍ତି ତାଙ୍କୁ ବୋଧେ କେବେ ମନକଥା ଖୋଲି କହି ନାହାନ୍ତି । ପ୍ରେମ ହେଉ କି ବିବାହ–ଏକତରଫା ହେଲେ ତାହା ମୂଲ୍ୟହୀନ ହୋଇଯାଏ। ତେଣୁ ଯାହାକୁ ମନ ପ୍ରାଣ ଦେଇ ଭଲ ପାଉଛନ୍ତି, ଆଉ ତାଙ୍କୁ ପତି ରୂପରେ ବରଣ କରିବାକୁ ମାଇଣ୍ଡ ମେକଅପ୍ କରିସାରିଛନ୍ତି ତାଙ୍କୁ ପ୍ରଥମେ ନିଜ ମନ କଥା ଖୋଲି କୁହନ୍ତୁ। ତା'ପରେ ନିଜର ଲକ୍ଷ୍ୟ ପଥରେ ଆଗାନ୍ତୁ।

**ପ୍ରଶ୍ନ**–କେତେକ ଯୁବତୀ-ଯୁବକ ଲଭ୍ ମ୍ୟାରେଜ କରିଥାଆନ୍ତି। ହେଲେ କେତେକ ପରବର୍ତ୍ତୀ ସମୟରେ ଡିଭୋର୍ସ ଦେଇଥାଆନ୍ତି କାହିଁକି ? –ପ୍ରଶାନ୍ତ କୁମାର, ପୁରୀ

**ଉତ୍ତର:** ପ୍ରେମ ସମୟରେ ହେଉ ଅବା ବିବାହ ପରେ ମନରେ ମନ ନ ମିଶିଲେ ଅନେକ ସମସ୍ୟା ଉପୁଜି ଥାଏ। ମନାନ୍ତର ହେଉ କି ମତାନ୍ତର– ବିବାହ ଜୀବନରେ ଏହା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଭଳି କାମ କରନ୍ତି। ହେଲେ ସେପରି ପରିସ୍ଥିତିର ମୁକାବିଲା କରି ଆଗେଇବାକୁ ପଡେ। ତେଣୁ ଭଲ ପାଇବା ଏବଂ ପରେ ପ୍ରେମିକାକୁ ପତ୍ନୀ ରୂପରେ ଗ୍ରହଣ କରି ସୁଖଶାନ୍ତିରେ ବୈବାହିକ ଜୀବନ ଅତିବାହିତ କରିବା ସହଜ କଥା ନୁହେଁ। ମଗଜ ଖଟାଇ ଜୀବନର ରଥକୁ ଆଗକୁ ନେବାକୁ ପଡିଥାଏ। ଯେଉଁମାନେ ପରିସ୍ଥିତିକୁ ସାମନା କରି ପଛଘୁଞ୍ଚା ଦିଅନ୍ତି ସେମାନଙ୍କ ମନରେ ଅନେକ ନକାରାତ୍ମକ ଚିନ୍ତାଧାରା ଜନ୍ମ ନେଇଥାଏ। ତେଣୁ ପ୍ରେମରେ ମସଗୁଲ ହୋଇ ବିବାହ କରି ପରେ କେତେକ ଡିଭୋର୍ସ ଦେବାକୁ ନିଷ୍ପତ୍ତି ନିଅନ୍ତି।





# ସମର୍ ଗାର୍ଡେନିଂ




**ଶୀ**ତ ସରି ଆସିଲେ ବଗିଚାରେ କମିଯାଏ ଫୁଲର ସମ୍ଭାର। ଖରାଦିନେ କି ଗଛ ଲଗାଇବେ କେମିତି ଯତ୍ନ ନେବେ ଚିନ୍ତା ପଡ଼େ। ତେବେ ଖରାଦିନେ ବଗିଚାକୁ ସବୁଜ ସୁନ୍ଦର କରିବା ପାଇଁ ଚିନ୍ତା କରିବାର ଆବଶ୍ୟକତା ନାହିଁ। କାରଣ ଏମିତି ଅନେକ ଫୁଲ ଅଛି, ଯାହା କି ଖରାଦିନେ ହିଁ ବେଶ୍ ଫୁଟିଥାଏ। ତା' ସହିତ ଇଣ୍ଡୋର ପ୍ଲାଣ୍ଟ କି କ୍ରୋଟନ ଗଛ ବି ଲଗାଇ ପାରିବେ। କାରଣ ଏହି ସବୁ ଗଛ ଖରାଦିନେ ହିଁ ଖୁବ୍ ସୁନ୍ଦର ଦେଖାଯାଏ। ତେଣୁ କେବଳ ଜାଣି ରଖିବା ଦରକାର ଖରାଦିନେ କି କି ଗଛ ଲଗାଇବେ।

**ପର୍ମାନେଣ୍ଟ ପ୍ଲାଣ୍ଟ:**ଏଥିରେ ପ୍ରଥମେ ଆସେ ସବୁ ଋତୁରେ ଫୁଟୁଥିବା ମନ୍ଦାର। ସବୁ ଋତୁରେ ଫୁଟୁଥିବା ମନ୍ଦାର ଖରାଦିନେ ସବୁଠୁ ଅଧିକ ଫୁଟିଥାଏ। ଟିସୁ



କଲଚର ମାଧମରେ ଏବେ ବିଭିନ୍ନ ଚାରା ବଜାରକୁ ଆସୁଛି, ଯାହା କି ଖୁବ ଛୋଟ ଗଛରେ ବହୁତ ଫୁଟିପାରିବ। ମନ୍ଦାରର ବି ବହୁତ ଭେରାଇଟି ଏବେ ଉପଲବ୍ଧ। ମଲ୍ଲୀ ଖରାଦିନ ପାଇଁ ସବୁଠୁ ଭଲ। ତା' ସହିତ ଟଗର ଓ ଅଶୋକା ଲଗାଇପାରିବେ। ମଧୁମାଳତି ବି ଏହି ସମୟରେ ଖୁବ୍ ଫୁଟେ। ଗୋଲାପ, ବୁଗେନଭାଲିଆ ଖରାଦିନ ପାଇଁ ବହୁତ ଭଲ। ଛୋଟ ଗଛ ଭିତରେ ଆସେ ସଦାବିହାରି, ଗେଣ୍ଡୁ, ହରଗଉରା, ଜିନିଆ, ବେବି ସନରୋଜ୍, ଜାର୍ବେରା ଆଦି ବିଭିନ୍ନ ପ୍ରକାରର ଖରାଦିନିଆ ଫୁଲ ଗଛ ବି ନର୍ସରିରେ ମିଳୁଛି। ଏହା ସହିତ ଡାଏନଥସ୍, ଗଜେନି, ପିଟୁନିଆ ଆଦି ଶୀତଦିନିଆ ଫୁଲ ହୋଇଥିଲେ ବି ଏହା ଖରାଦିନେ ବି ଖୁବ୍ ଫୁଟିଥାଏ।

**ହ୍ୟାଙ୍ଗିଙ୍ଗ ବାସ୍କେଟ:** ଖରାଦିନେ ଘରକୁ ସବୁଜ ସୁନ୍ଦର କରିବା ପାଇଁ ବାଲକୋନି ଆଦିରେ ହ୍ୟାଙ୍ଗିଙ୍ଗ ବାସ୍କେଟରେ ଗଛ ଲଗାନ୍ତୁ; ଯେଉଁଥିରେ ଆପଣ ୱାଣ୍ଡରିଂ ଜିୟୁ, ଟାଙ୍ଗଲ୍‌ଡ ହାର୍ଟ, ମନିପ୍ଲାଣ୍ଟ, ସିଙ୍ଗୋନିୟମ ଓ ବିଭିନ୍ନ ପ୍ରକାରର ସକ୍ୟୁଲାଣ୍ଟ ଆଦି ଲଗାଇ ପାରିବେ। ଏହି ସବୁ ଗଛ ଖୁବ୍‌ଶୀଘ୍ର ଘଞ୍ଚ ହେବା ସହ ଏଥିରେ ଏତେ ପାଣି ଦେବାର ଆବଶ୍ୟକତା ନାହିଁ। ଏହାଛଡ଼ା ବିଭିନ୍ନ ପ୍ରକାରର ଲତା ଗଛ ବି ଆପଣ ହ୍ୟାଙ୍ଗିଙ୍ଗ ପଟରେ ନେଇପାରିବେ।

**ଇଣ୍ଡୋର ପ୍ଲାଣ୍ଟ:** ଖରାଦିନେ ଅଧିକରୁ ଅଧିକ ଇଣ୍ଡୋର ପ୍ଲାଣ୍ଟ ଘର ଭିତରେ ଲଗାଇ ପାରିବେ, ଯେଉଁଥିରେ ଆପଣ ସବୁଠୁ ପ୍ରଥମେ ନେଇପାରିବେ ଏରିକା ପାମ୍ ଓ ସ୍ନେକ ପ୍ଲାଣ୍ଟର ବିଭିନ୍ନ ଭେରାଇଟି। ଏହି ଗଛ ପାଇଁ ସେତେ ଯତ୍ନର ଆବଶ୍ୟକତା ନାହିଁ କି ସେତେ ପାଣିର ଆବଶ୍ୟକତା ନାହିଁ।

ଘର ଭିତର ପାଇଁ ଆଉ କିଛି ଗଛ ଲଗାଇବାକୁ ଚାହୁଁଛନ୍ତି ତା'ହେଲେ ପିସ୍ ଲିଲି, ଆନ୍ଥୁରିୟମ୍, ଜେଜେ ପ୍ଲାଣ୍ଟ, ଫିଲାଡେଣ୍ଡ୍ରନ, କ୍ରୋଟନ୍ ଓ କାଲାଡିୟମ୍ ଆଦି ଗଛ ନେଇପାରିବେ। ଏସବୁ ଗଛ ଏୟାର ପ୍ୟୁରିଫାଏ ହେବା ସହ ବହୁତଗୁଡ଼ିଏ ଭେରାଇଟି ବି ଦେଖିବାକୁ ମିଳିଥାଏ; ଯାହା କି ଖୁବ ସୁନ୍ଦର ସୁନ୍ଦର ରଙ୍ଗର। ବିଶେଷ କରି ଖରାଦିନେ ହିଁ ଏହି ଗଛଗୁଡିକ ବେଶି ସୁନ୍ଦର ଦେଖାଯାନ୍ତି।

ଏହାଛଡା ବିଭିନ୍ନ ପ୍ରକାରର କାକଟସ୍ ଓ ସକୁଲାଣ୍ଟ ପ୍ରଜାତିର ବିଭିନ୍ନ ଗଛ ଲଗାଇପାରିବେ; ଯେଉଁଥିପାଇଁ ପାଣିର ଏତେ ଆବଶ୍ୟକତା ନ ଥାଏ ଏବଂ ଦେଖିବା ପାଇଁ ବି ଖୁବ୍ ସୁନ୍ଦର।





**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



**ରାଜ୍-ସାଧନା**

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦

ଫୋନ ନଂ: (୦୬୭୪) ୨୫୮୦୧୦୧

ଫଟୋ ସୌଜନ୍ୟ- ଚନ୍ଦନ, ଧରିତ୍ରୀ

## ହାଃ ହାଃ

### ଲାଞ୍ଜ

ଶିକ୍ଷକ- ଗାଈ କାହିଁକି ଲାଞ୍ଜ ହଲାଏ ?
ମଣ୍ଟୁ- କାହିଁକି ନା ଲାଞ୍ଜର ଏତେ ଶକ୍ତି ନାହିଁ ଯେ, ଗାଈକୁ ହଲେଇ ପାରିବ।

### ପିଅନି

ସ୍ତ୍ରୀ- ତମେ ଏତେ ମଦ ପିଅନି।
ସ୍ୱାମୀ- ମତେ ତମେ ମନା କରନି। ଗଲାବେଳକୁ କିଏ ବା କ'ଣ ନେଇକି ଯିବ।
ସ୍ତ୍ରୀ- ଏମିତି ହେଲେ ଗଲାବେଳକୁ କ'ଣ ଆଉ ଛାଡିକି ଯିବ।

### ପଡ଼ିଗଲି

ଶିକ୍ଷକ ସୋନୁକୁ- କାଲି କାହିଁକି ସ୍କୁଲ ଆସିଲୁନି ?
ସୋନୁ- ସାର୍, କାଲି ମୁଁ ପଡ଼ିଗଲି। ଆଉ ଲାଗିଗଲା।
ଶିକ୍ଷକ- କେଉଁଠି ପଡିଗଲୁ ? ଆଉ କ'ଣ ଲାଗିଗଲା ?
ସୋନୁ- ସାର୍, ବିଛଣାରେ ପଡ଼ିଗଲି। ଆଉ ନିଦ ଲାଗିଗଲା।

### ନିଶା

ମୋହନ ପ୍ରତି ପେଗ୍ ପରେ ପକେଟ୍‌ରୁ କିଛି କାଢି ଦେଖୁଥାଏ।
ଏହା ଦେଖି ରାଜେଶ- ମୁଁ ଦେଖୁଛି ପ୍ରତି ପେଗ୍ ପରେ ତୁ ପକେଟ୍‌ରୁ କିଛି କାଢିକି ଦେଖୁଛୁ। କ'ଣ ସେଇଟା ?
ମୋହନ- ମୋ ସ୍ତ୍ରୀର ଫଟୋ।
ରାଜେଶ- ତୁ ତୋ ସ୍ତ୍ରୀକୁ ଏତେ ଭଲ ପାଉ ?
ମୋହନ- ନାଇଁରେ। ମୁଁ ଏଇଥିପାଇଁ ଫଟୋ ଦେଖେ, ଯେତେବେଳେ ଫଟୋରେ ମୋ ସ୍ତ୍ରୀ ସୁନ୍ଦର ଦେଖାଯିବ ଜାଣିବି ନିଶା ଚଢ଼ିଗଲାଣି।

# ଭ୍ରମଣର ମଜା ସି-ବିଚ୍‌ରେ





ସି-ବିଚ୍ ବା ସମୁଦ୍ରତଟରେ କିଛି ସମୟ ବୁଲିଆସିଲେ କାହିଁକି କେଜାଣି ମନ ପ୍ରଫୁଲ୍ଲିତ ହୋଇଯାଏ ଆଉ ଶରୀରକୁ ବେଶ୍ ତାଜା ଅନୁଭବ ହୁଏ। ସ୍ୱଳ୍ପ ସମୟ ପାଇଁ ହେଉନା କାହିଁକି ଲାଗେ ସତେ ଯେମିତି ମନରେ କିଛି ବି ଚିନ୍ତା କି ଅବସୋସ ନାହିଁ। ଖାସ୍ ସେଥିପାଇଁ ଏଥରର ଏହି ଆଲେଖ୍ୟରେ କେତୋଟି ଆକର୍ଷଣୀୟ ସି-ବିଚ୍ ସମ୍ପର୍କରେ ଉଲ୍ଲେଖ କରାଯାଇଛି ...





**ସି**-ବିଚ୍ ବା ସମୁଦ୍ରତଟର ଆକର୍ଷଣ ସବୁବେଳେ ନିଆରା। ଏହାର ସୁନେଲି ବାଲିର ତଟରେ ବସି ସମୁଦ୍ରର ଲହଡ଼ି ସାଙ୍ଗକୁ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ଦୃଶ୍ୟ ଦେଖିବା କାହାକୁ ବା ଭଲ ନ ଲାଗେ।  ତା'ସାଙ୍ଗକୁ ଆହୁରି ଆନନ୍ଦ ଦିଏ ସମୁଦ୍ରର ନୀଳ ଜଳରାଶିରେ ଟିକେ ଗାଧୋଇ ପଡ଼ିଲେ। ବିଶେଷକରି ଖରାଦିନେ ହିଁ ବିଚ୍‌ଗୁଡ଼ିକରେ ଦେଖିବାକୁ ମିଳେ ପର୍ଯ୍ୟଟକଙ୍କର ଲମ୍ବା ଭିଡ଼। ତେଣୁ ଏଠାରେ ସେମିତି କେତୋଟି ବିଚ୍ ସମ୍ପର୍କରେ ଉଲ୍ଲେଖ କରାଗଲା ; ଯାହା ନିଜର ଆକର୍ଷଣୀୟ ତଥା ସ୍ୱଚ୍ଛ ପରିବେଶ ପାଇଁ ଆଗନ୍ତୁକଙ୍କୁ ବେଶ୍ ଆକୃଷ୍ଟ କରିଥାଏ।

**ଅଗୋଣ୍ଡା ବିଚ୍:** ଦକ୍ଷିଣ ଗୋଆରେ ଅବସ୍ଥିତ ଏକ ଛୋଟ ଗାଁ ହେଉଛି ଅଗୋଣ୍ଡା। ଏହି ଗାଁ ନିକଟରେ ରହିଛି ଅଗୋଣ୍ଡା ବିଚ୍, ଯାହା ନିଜର ସଫାସୁତୁରା ବେଳାଭୂମି ତଥା ଶାନ୍ତ, ସୁରକ୍ଷିତ ପରିବେଶ ପାଇଁ ବେଶ୍ ଲୋକପ୍ରିୟ। ଏଠାକାର ସମୁଦ୍ର ଜଳ ମଧ୍ୟ ବହୁତ ପରିଷ୍କାର। ଜନଗହଳିଠାରୁ ଦୂରରେ ଥିବା ଏହି ବେଳାଭୂମିରେ ପର୍ଯ୍ୟଟକ ନିରୋଳାରେ କିଛି ସମୟ ବିତାଇବା ସହ ସୁଇମିଂର ମଧ୍ୟ ମଜା ନେଇପାରିବେ। ତା'ସହିତ ଏଠାରେ ସି-ଫୁଡ୍ ବି ଖାଇପାରିବେ।

**ଅଲାପ୍ପୁଝା ବିଚ୍:** ଅଲାପ୍ପୁଝା ହେଉଛି କେରଳର ଏକ ସୁନ୍ଦର ସହର। ଏହା ଅଲ୍ଲେପ୍ପୀ ନାମରେ ବି ପରିଚିତ। ଏଠାରେ ରହିଛି ଅଲାପ୍ପୁଝା ନାମକ ଏକ ଲୋକପ୍ରିୟ ସମୁଦ୍ରତଟ। ଶାନ୍ତ, ସ୍ୱଚ୍ଛ ତଥା ଅପୂର୍ବ ଆକର୍ଷଣରେ ଭରା ଏହି ସମୁଦ୍ରତଟରେ ବସି ସୂର୍ଯ୍ୟାସ୍ତର ଦୃଶ୍ୟ ଦେଖିବା ବେଶ୍ ମନୋମୁଗ୍ଧକର ହୋଇଥାଏ। ତା'ଛଡ଼ା ଏହି ସମୁଦ୍ରକୂଳର ଧାରେ ଧାରେ ଲଗାଯାଇଥିବା ଖଜୁରି ଗଛ ଏଠାକାର ପରିବେଶକୁ ଆହୁରି ଆକର୍ଷଣୀୟ କରି ଦେଇଥାଏ। ତେବେ ଅଲାପ୍ପୁଝାର ଅନ୍ୟ ଏକ ଆକର୍ଷଣ ହେଉଛି ଏଠାକାର ବ୍ୟାକ୍‌ୱାଟର୍‌ରେ ହାଉସ୍‌ବୋଟ୍ ଚଳାଇ ଅପୂର୍ବ ଆନନ୍ଦ ଉପଭୋଗ କରିବା।

**ପଦୁବିଦ୍ରି ବିଚ୍:** କର୍ନାଟକର ଉଡୁପିସ୍ଥିତ ଏକ ଛୋଟ ସହର ହେଉଛି ପଦୁବିଦ୍ରି। ଏଠାରେ ରହିଛି ଏକାଧିକ ବିଚ୍ କିନ୍ତୁ ତନ୍ମଧ୍ୟରୁ ପଦୁବିଦ୍ରି ବିଚ୍‌ର ଆକର୍ଷଣ ସବୁଠୁ ନିଆରା। ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏହି ବିଚ୍‌ରେ ସମସ୍ତ ସୁବିଧା ଉପଲବ୍ଧ। ଏଠାକାର ଶାନ୍ତ ବାତାବରଣ ତଥା ସ୍ୱଚ୍ଛ ପରିବେଶରେ କିଛି ସମୟ ବିତାଇବା ପାଇଁ ପ୍ରତିବର୍ଷ ପର୍ଯ୍ୟଟକଙ୍କର ଭିଡ଼ ଲାଗିଥାଏ।

**ପାଲୋଲେମ୍ ବିଚ୍:** ଗୋଆର ଅନ୍ୟତମ ଆକର୍ଷଣୀୟ ବିଚ୍ ଭାବେ ଏହା ପରିଚିତ। ମୁଖ୍ୟତଃ ଏଠାକାର ପ୍ରଶସ୍ତ ଧଳାବାଲିର ବେଳାଭୂମି ତଥା ଶାନ୍ତ ଜଳରାଶି ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ। ଖାସ୍‌କରି ଏହି ବେଳାଭୂମିରେ ରାତ୍ରି ସମୟରେ ଅନେକ ପାର୍ଟି ଫଙ୍କ୍‌ସନ୍‌ର ଆୟୋଜନ କରାଯାଇଥାଏ ; କିନ୍ତୁ ସେଥିରେ ଆଦୌ କୋଳାହଳ ନ ଥାଏ। କାରଣ ଏଠାକାର ଶାନ୍ତ ବାତାବରଣକୁ ବ୍ୟାଘାତ କରିବାକୁ କେହି ଚାହାନ୍ତି ନାହିଁ। ସେଥିପାଇଁ ସେମାନେ କାନରେ ହେଡ୍‌ଫୋନ୍ ଲଗାଇ ପାର୍ଟିକୁ ଉପଭୋଗ କରିଥାନ୍ତି। ତେଣୁ ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କୁ ବି ଏହି ନିୟମ ମାନିବାକୁ ହୋଇଥାଏ। ସେହିପରି ପର୍ଯ୍ୟଟକଙ୍କ ରହିବା ନିମନ୍ତେ ଏହି ବେଳାଭୂମି ନିକଟରେ ଛୋଟବଡ଼ ଅନେକ ରିସୋର୍ଟର ସୁବିଧା ମଧ୍ୟ ରହିଛି।

**ରାଧାନଗର ବିଚ୍:** ଆଣ୍ଡାମାନ ଓ ନିକୋବର ଦ୍ୱୀପସମୂହର ହାଭ୍‌ଲକ୍ ଦ୍ୱୀପ ନିକଟରେ ଥିବା ରାଧାନଗର ବିଚ୍‌କୁ ଦୁନିଆର ଅନ୍ୟତମ ଆକର୍ଷଣୀୟ ବିଚ୍ ଭାବେ ବିବେଚନା କରାଯାଇଥାଏ। ଏହି ଆଶ୍ଚର୍ଯ୍ୟକର ସମୁଦ୍ରତଟ ନିଜର ଶାନ୍ତ ବାତାବରଣ ତଥା ରୋମାଞ୍ଚକ ଗତିବିଧି ପାଇଁ ବେଶ୍ ପ୍ରସିଦ୍ଧି ଲାଭ କରିପାରିଛି। ଏଠାକାର ଧଳାରଙ୍ଗର ବେଳାଭୂମିର ଗୋଟିଏ ପାର୍ଶ୍ୱରେ ନୀଳ ଜଳରାଶି ଓ ଅନ୍ୟପାର୍ଶ୍ୱରେ ଜଙ୍ଗଲର ଅପୂର୍ବ ଦୃଶ୍ୟ କାହାକୁ ବି ଆକର୍ଷିତ କରିବା ପାଇଁ ଯଥେଷ୍ଟ। ତା'ଛଡ଼ା ଏହି ବିଚ୍‌ର ଲହଡ଼ି ବହୁତ ଉଚ୍ଚକୁ ଉଠେନାହିଁ ; ଫଳରେ ଆଗନ୍ତୁକ ଏଠାରେ ବେଶ୍ ମଉଜରେ ଗାଧୋଇବାର ମଜା ନେଇଥାନ୍ତି।

କେବଳ ଏତିକି ନୁହେଁ, ଭାରତରେ ଆହୁରି ଅନେକ ଏମିତି ବିଚ୍ ରହିଛି, ଯାହାର ସ୍ୱଚ୍ଛ, ଶାନ୍ତ ପରିବେଶ ପର୍ଯ୍ୟଟକଙ୍କୁ କିଛିଟା ନିଆରା ଅନୁଭୂତି ଦେଇଥାଏ।









# ନିଶ ଥିବା ଚଢ଼େଇ

ପୁରୁଷଙ୍କୁ ନିଜ ନିଶ ଭାରି ପ୍ରିୟ। ଏହାକୁ ନେଇ ସେମାନେ ଗର୍ବ କରନ୍ତି। ଯାହାର ଯେତେ ଗହଳ ଓ ଲମ୍ବା ନିଶ ସେ ସେତେ ଗର୍ବ ଅନୁଭବ କରନ୍ତି। ତେବେ ଜାଣନ୍ତି କି ଖାଲି ପୁରୁଷ ନୁହନ୍ତି ଏକ କୁନି ଚଢ଼େଇର ବି ନିଶ ଅଛି। ସେ ପୁଣି ଲମ୍ବା ଓ ବେଶ୍ ଗହଳିଆ। ଠିକ୍ ମଣିଷଙ୍କ ପରି। ହେଲେ ସେହି ନିଶ କଳା ନୁହେଁ ବରଂ ଧଳା ରଙ୍ଗର। ଏହି ଚଢ଼େଇ ପେରୁ ଓ ଚିଲିର ପ୍ରଶାନ୍ତ ମହାସାଗରର ତଟୀୟ ଅଞ୍ଚଳରେ ଦେଖାଯାଆନ୍ତି। ନିଶ ଥିବା ଉକ୍ତ ଚଢ଼େଇର ନାମ ହେଉଛି 'ଇନ୍‌କା ଟର୍ନ'। ମାଟିଆ ତଥା ଧୂସର ରଙ୍ଗର ଏହି ଚଢ଼େଇର ଥଣ୍ଟ ଲାଲ ଓ ନାରଙ୍ଗି ହୋଇଥାଏ। ଏହାର ଦୁଇ ଆଖିର ତଳଭାଗରେ ଥିବା ଧଳା ରଙ୍ଗର ନିଶ ଲାଗେ ଭାରି ଆକର୍ଷକ। ତେବେ ଏହି ସୁନ୍ଦର ଚଢ଼େଇର ସଂଖ୍ୟା ଏବେ କମିବାରେ ଲାଗିଛି।

## କାର୍ଟୁନ କର୍ନର



# ବିସ୍ମୟ ପ୍ରକୃତି


ଏନ୍‌ଭାଏଟେନେଟ୍ ଦ୍ୱୀପ




ମୋଏରାକି ବୁଲ୍ଡର୍


ଷ୍ଟୋନ ଫରେଷ୍ଟ


ଡେଭିଲ୍ସ ବ୍ରିଜ୍

**ପ୍ରକୃତି ଏକ ବିସ୍ମୟର ଗନ୍ତାଘର। ଏହାମଧ୍ୟରେ ଏମିତି ଅନେକ କିଛି ଅଛି, ଯାହା ମଣିଷକୁ ବାରମ୍ବାର ଚକିତ କରିଆସିଛି। ତା'ର ରହସ୍ୟ ଜାଣିବାକୁ ଚେଷ୍ଟା କରିଛି। ହେଲେ ପାରିନି। ସେମିତି କିଛି ବିସ୍ମୟକର ସ୍ଥାନ ସମ୍ପର୍କରେ...**

**ବଟର୍ ବଲ୍:** ଦକ୍ଷିଣ ଭାରତର ମହାବଳୀପୁରମ୍‌ରେ ଶ୍ରୀକୃଷ୍ଣଙ୍କର ଏକ ଚମତ୍କାରୀ ବିଶାଳକାୟ ପଥର ମହଜୁଦ ଅଛି। ଏହା 'ବଟର ବଲ୍' ନାମରେ ପରିଚିତ। ପଥରର ଓଜନ ପ୍ରାୟ ୫୦ ଟନ୍। ଓସାର ୫ ମିଟର ଓ ଉଚ୍ଚତା ୨୦ ଫୁଟ୍। ଉକ୍ତ ପଥରର ବିଶେଷତ୍ୱ ହେଉଛି ଯେ, ଏହା ୪୫° କୋଣକୁ ଢଳି ରହିଛି। ତଥାପି ଏହା ସ୍ଥିର ହୋଇ ୧୨୦୦ରୁ ଊର୍ଦ୍ଧ୍ୱ ବର୍ଷ ଧରି ସେମିତି ରହିଛି। ସେ ପୁଣି ବିନା କୌଣସି ସାହାରାରେ। ଅନେକ ଲୋକ ଏହାକୁ ହଲାଇବାକୁ ଚେଷ୍ଟା କରି ବିଫଳ ହୋଇଛନ୍ତି। ଏମିତି କି ଝଡ଼ ତୋଫାନ, ସୁନାମୀରେ ବି ଏହି ପଥର କାଣିଚାଏ ହଲିନାହିଁ।

**ଷ୍ଟୋନ ଫରେଷ୍ଟ:** ଚାଇନାର ୟୁନାନ ପ୍ରାନ୍ତରେ ଏମିତି ଏକ ଜଙ୍ଗଲ ଅଛି, ଯେଉଁଠି ଗଛ ନ ଥାଇ ଅଛି କେବଳ ପାହାଡ। ଏହା 'ଶିଲିନ ଷ୍ଟୋନ ଫରେଷ୍ଟ' ନାମରେ ପରିଚିତ। ୨୭୦ ବର୍ଷ ପୁରୁଣା ଏହି ଜଙ୍ଗଲ ୩୪୯ କି.ମି. ପର୍ଯ୍ୟନ୍ତ ବ୍ୟାପିଛି। ଏଠାକାର ପାହାଡର ଶୀର୍ଷଗୁଡିକର ଆକାର ଏଭଳି ଯେ, ଭ୍ରମ ହୁଏ ତାହା ଗଛ ବୋଲି।

**କ୍ରୁକଡ୍ ଫରେଷ୍ଟ:** ପୋଲାଣ୍ଡରେ ଅଛି ଏମିତି ଏକ ଜଙ୍ଗଲ, ଯେଉଁଠି ଶହ ଶହ ପାଇନ ଗଛର ମୂଳ ଭାଗ ମୋଡି ହୋଇ ପୁଣି ସିଧା ହୋଇଛି। ଯାହାକି ୯୦° କୋଣ ସୃଷ୍ଟି କରୁଛି। ଏତେ ସବୁ ଗଛ କିଭଳି ଏକାଭଳି ମୋଡି ହୋଇ ରହିଛି, ତେଣୁ ତାହା ସମସ୍ତଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରେ। କିଏ କହେ ଏହା ମନୁଷ୍ୟକୃତ ତ ଆଉ କିଏ କହେ ଏହା ବରଫଝଡ କିମ୍ବା ଅନ୍ୟ କୌଣସି ପ୍ରାକୃତିକ କାରଣରୁ ଘଟିଛି।

**ଡେଭିଲ୍ସ ବ୍ରିଜ୍:** ଜର୍ମାନୀର ସହର କ୍ରୋମଲୌରେ ଅଛି ଏକ ବେଶ୍ ସୁନ୍ଦର ବ୍ରିଜ୍, ଯାହାର ନାମ ଡେଭିଲ୍ସ ବ୍ରିଜ୍। ଏହାକୁ ଅନେକେ 'ରାକୋଜବ୍ରୁକ୍' ବ୍ରିଜ୍ ମଧ୍ୟ କହିଥାନ୍ତି। ୧୮୬୦ ଦଶକର ଏହି ବ୍ରିଜ୍ ପୃଥିବୀର ସୁନ୍ଦର ବ୍ରିଜ୍ ମଧ୍ୟରେ ଅନ୍ୟତମ। ଏହି ବ୍ରିଜ୍ ଦେଖିବାକୁ ସମ୍ପୂର୍ଣ୍ଣ ଗୋଲାକାର ଲାଗେ। କିନ୍ତୁ ଏହା ଗୋଲାକାର ନୁହେଁ, ବରଂ ଅର୍ଦ୍ଧ ଗୋଲାକାର। ହେଲେ ଜଳରେ ପଡୁଥିବା ଏହି ଅର୍ଦ୍ଧଗୋଲାକାର ବ୍ରିଜ୍‌ର ଛାଇ ବ୍ରିଜ୍‌କୁ ଗୋଲାକାର ରୂପ ଦେଇଥାଏ।

**ମୋଏରାକି ବୁଲ୍ଡର୍:** ବେଳାଭୂମି ସାରା ଦେଖିବାକୁ ମିଳେ ବଡ ବଡ ଗୋଲାକାର ପଥର। ଏହା ହେଉଛି ନ୍ୟୁଜିଲାଣ୍ଡର କୋଏକୋହେ ବେଳାଭୂମି। ପ୍ରାୟ ୬୫୦ ବର୍ଷ ପୂର୍ବରୁ ଏହି ପଥରଗୁଡିକ ତିଆରି ହୋଇଥିବା କୁହାଯାଏ।

**ପ୍ଲେନ୍ ଅଫ୍ ଜାର୍ସ:** ଏକ ବିସ୍ତୀର୍ଣ୍ଣ ସମତଳ ଭୂମି। ଆଉ ସେଠାରେ ଦେଖିବାକୁ ମିଳେ ଅନେକ ରହସ୍ୟମୟ ପଥରର ପାତ୍ର। ଯାହା ଦେଖିବାକୁ ଜାର୍ ବା ନଳାକୃତୀ ପାତ୍ର ଭଳି। ମଧ୍ୟ ଲାଓସ୍‌ର ଜିଏଙ୍ଗଖୋଉଆଙ୍ଗ ପ୍ରାନ୍ତରେ ୨୦୦୦ରୁ ଊର୍ଦ୍ଧ୍ୱ ଏହି ବିସ୍ମୟକର ପଥରର ପାତ୍ର ରହିଛି। ସେଥିମଧ୍ୟରୁ କିଛିଟା ୧୦ଫୁଟ୍ ଉଚ୍ଚତା ବିଶିଷ୍ଟ ହୋଇଥାଏ। ଭୂତତ୍ତ୍ୱବିତଙ୍କ ମତରେ ଜାର୍‌ଗୁଡିକ ୨୦୦୦ ବର୍ଷ ପୁରୁଣା ଅଟେ। ହେଲେ ଏଗୁଡିକୁ କିଏ ଓ କେଉଁ ଉଦ୍ଦେଶ୍ୟରେ କରିଥିଲେ ତାହା ଜଣା ନାହିଁ। ତେବେ କୁହାଯାଏ ଏସବୁକୁ ଅନ୍ତ୍ୟେଷ୍ଟି କ୍ରିୟାର ଭସ୍ମାଧାର ଭାବେ ବ୍ୟବହାର କରାଯାଉଥିଲା।

**ସାଲାର ଡେ ଉୟୁନି:** ପୃଥିବୀର ସବୁଠାରୁ ବଡ ଲବଣାକ୍ତ ସମତଳ ହେଉଛି ବଲିଭିଆର ସାଲାର ଡେ ଉୟୁନି। ଏହି ଲବଣାକ୍ତ ସମତଳ ୪୦୦୦ ବର୍ଗ ମାଇଲ ପର୍ଯ୍ୟନ୍ତ ବ୍ୟାପ୍ତ। ଏହା ସମ୍ପୂର୍ଣ୍ଣ ଭାବେ ସମତଳ ଓ ଦର୍ପଣ ଭଳି। ତେଣୁ ନୀଳ ଓ ଆକାଶ ଓ ଭସା ବାଦଲର ଛାଇ ଏହା ଉପରେ ପଡି ଭୂମିରେ ବି ଆକାଶର ଭ୍ରମ ସୃଷ୍ଟି ହୁଏ। ଶୁଷ୍କ ଋତୁରେ ଏହି ସମତଳଭାଗରେ ବହୁଭୁଜାକାର ହାଲ୍‌କା ଫାଟ ଭଳି ସୃଷ୍ଟି ହୁଏ, ଯାହାକି ଫ୍ଲୋର୍ ଟାଇଲ୍ ଭଳି ଦେଖାଯାଏ।

**ସ୍ପଟେଡ୍ ଲେକ୍**– ଶୀତଦିନେ ଏହା ଏକ ସାଧାରଣ ହ୍ରଦ ପରି ଲାଗେ। କିନ୍ତୁ ଖରାଦିନେ କାନାଡା, ବ୍ରିଟିଶ କଲମ୍ବିଆରେ ଥିବା ଏହି ହ୍ରଦର ଜଳ ଯେବେ ବାଷ୍ପୀଭୂତ ହେବାକୁ ଲାଗେ ଏହାର ଜଳ ସାରା ଗୋଲାକାର ରଙ୍ଗିନ ପ୍ୟାଚ୍ ଦେଖାଯାଏ। ହଳଦିଆ, ନୀଳ ଓ ସବୁଜ ରଙ୍ଗର ଏହି ଗୋଲାକାର ପ୍ୟାଚ୍ ପାଣିରେ ଥିବା ବିଭିନ୍ନ ପ୍ରକାରର ମିନେରାଲର ପ୍ରଚୁର ମାତ୍ରା ଯୋଗୁ ହୋଇଥାଏ।

**ଏନ୍‌ଭାଏଟେନେଟ୍ ଦ୍ୱୀପ:** ଏହା ଏକ ବେଶ୍ ସୁନ୍ଦର ଦ୍ୱୀପ। ଏହା କେନିଆର ରୁଡୋଲ୍ଫ ହ୍ରଦରେ ରହିଛି। ଏନ୍‌ଭାଏଟେନେଟ୍‌ର ଅର୍ଥ ହେଉଛି 'ନୋ ରିଟର୍ନ'। ଆଗ୍ନେୟଗିରୀ ଭଳି ଦେଖିବାକୁ ଏହି ଦ୍ୱୀପ। କୁହାଯାଏ ବହୁ ବର୍ଷ ପୂର୍ବେ ଏଠାରେ ଜନବସତି ଥିଲା। ସେମାନେ ଶିକାର କରି ମାଛଧରି ବଞ୍ଚୁଥିଲେ ଏବଂ କିଛି ଦୂରରେ ଥିବା ମେନଲ୍ୟାଣ୍ଡର ଲୋକଙ୍କ ସହ ବ୍ୟବସାୟ କରୁଥିଲେ। କିନ୍ତୁ ହଠାତ୍ ଏମାନଙ୍କର ଯିବାଆସିବା ମେନଲ୍ୟାଣ୍ଡକୁ ବନ୍ଦ ହୋଇଯାଇଥିଲା। କିଛି ଲୋକ ଏହି ଦ୍ୱୀପକୁ ଯିବାରେ ଦେଖିବାକୁ ପାଇଲେ ଯେ, ସେଠାରେ ଜନବସତିର ଚିହ୍ନ ନ ଥିଲା। ଏହାପରଠାରୁ ସେଠାକୁ ଆଉ କେହି ଗଲେ ନାହିଁ। ଦ୍ୱୀପ ପରିତ୍ୟକ୍ତ ହୋଇ ରହିଗଲା।


ବଟର୍ ବଲ୍


ପ୍ଲେନ୍ ଅଫ୍ ଜାର୍ସ

ବ୍ୟାକ୍ ପେଜ୍





# ପେଣ୍ଟିଂ ନୁହେଁ, ଏମ୍ବ୍ରୋଏଡରି ୱାର୍କ

ଯେତେବେଳେ ଦୁଇଜଣ ଭିନ୍ନ ଧରଣର କଳାକାର ଏକାଠି ହୁଅନ୍ତି, ସେଠି ଜନ୍ମ ନିଏ ଏକ ନୂଆ କଳାର ଧାରା। ଠିକ୍ ଯେମିତି ଭିଏତ୍‌ନାମର ପାରମ୍ପରିକ ଏମ୍ବ୍ରୋଏଡରି କାରିଗର ହୋଆଙ୍ଗ ଲି ଜୁଆନ୍ ଓ ପେଣ୍ଟର୍ ଏକ୍ସକ୍ୟୁ ଡଲାତ୍ ଏକାଠି ହୋଇ ସୃଷ୍ଟି କରିଛନ୍ତି ଏକ ନୂଆ କଳା। ସେ ହେଉଛି ଏମ୍ବ୍ରୋଏଡରି ପେଣ୍ଟିଂ। ଏମ୍ବ୍ରୋଏଡରି ମାଧ୍ୟମରେ ଦୁହେଁ ଏଭଳି ପେଣ୍ଟିଂ ତିଆରି କରୁଛନ୍ତି, ଯାହାକୁ ଦେଖିଲେ ବିଶ୍ୱାସ କରି ହୁଏନା ତାହା ରେଶମ ସୂତାରେ ତିଆରି ଏମ୍ବ୍ରୋଏଡରି ବୋଲି। ଲାଗେ ସତେ ଯେମିତି ତାହା ରଙ୍ଗ ତୁଳୀରେ ତିଆରି ପେଣ୍ଟିଂ। ଏହି ମାଷ୍ଟରପିସ୍ ପେଣ୍ଟିଂକୁ ନେଇ ସେମାନେ କରୁଥିବା ବ୍ୟବସାୟ ଏବେ ଅନ୍ତର୍ଜାତୀୟ ସ୍ତରର ପାଲଟିଗଲାଣି। ଗ୍ରାହକଙ୍କ ଚାହିଦା ପୂରଣ ପାଇଁ ଦୁହେଁ ଦକ୍ଷତାସମ୍ପନ୍ନ ୩୦୦୦ ଏମ୍ବ୍ରୋଏଡରି କାରିଗର ରଖିଛନ୍ତି।







# ସବୁଠୁ ଲମ୍ବା ଜୋତା

ଏହି କରୋନା ସମୟରେ ସାମାଜିକ ଦୂରତ୍ୱ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ଏମିତିରେ ଆଡିଡାସ୍ କମ୍ପାନୀ ଏଭଳି ଏକ ଜୋତା ତିଆରି କରିଛନ୍ତି, ଯାହାକୁ ପିନ୍ଧିଲେ ସାମାଜିକ ଦୂରତା ଆପେ ବଜାୟ ରହିବ। କାରଣ ଏହି ଜୋତା ହେଉଛି ପୃଥିବୀର ସବୁଠାରୁ ଲମ୍ବା ଜୋତା। ପ୍ରାୟ ୨ ଫୁଟ ଲମ୍ବା ଅଟେ ଏହି ଜୋତା। କେବଳ ସେତିକି ନୁହେଁ ଏହି ଜୋତାର ଗୋଟିଏ ଧଳା ରଙ୍ଗର ହୋଇଥିବାବେଳେ ଅନ୍ୟଟି କଳା ରଙ୍ଗର। ମିଡିଆ ରିପୋର୍ଟ ମୁତାବକ ଆଡିଡାସ୍ ଏହି ଜୋତାକୁ ଏଷ୍ଟୋନିଆର ଟମି କ୍ୟାଶ ନାମକ ପ୍ରସିଦ୍ଧ ର୍‍ୟାପରଙ୍କ ସହଯୋଗରେ ତିଆରି କରିଛି। କମ୍ପାନୀ ଓ ସିଙ୍ଗରଙ୍କ ଦ୍ୱାରା ଏହି ଜୋତା ଡିଜାଇନ କରିବାର ଉଦ୍ଦେଶ୍ୟ ହେଉଛି ବିଭିନ୍ନ ବ୍ୟକ୍ତିତ୍ୱ ଓ ବିଚାରକୁ ଉଜାଗର କରିବା। ଏହି ଜୋତା 'ସୁପରଷ୍ଟାର୍' ନାମକ ଏକ ଅଭିଯାନର ଅଂଶ ଅଟେ। ଜୋତାର ଫଟୋକୁ ଟମି କ୍ୟାଶ ନିଜ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଶେୟାର କରିଛନ୍ତି। ଏହା ଉପରେ ଲୋକେ ବହୁତ ମଜାଦାର କମେଣ୍ଟ କରୁଛନ୍ତି।





# ବିରିୟାନୀ ଦାମ ୨୦,୦୦୦ଟଙ୍କା

ବିରିୟାନୀ କଥା ଉଠିଲେ ପାଟିରୁ ଲାଳ ଗଡିଆସେ। ପ୍ରାୟ ସମସ୍ତଙ୍କୁ ଭଲ ଲାଗେ ଏହାର ସ୍ୱାଦ। ଭଲ ଓ ଫେମସ୍ ବିରିୟାନୀ ଖାଇବା ପାଇଁ ତ ଲୋକେ ଯେକୌଣସି ଜାଗାକୁ ଯିବାକୁ ପ୍ରସ୍ତୁତ ହୋଇଯାଆନ୍ତି। ତେବେ ଆମେ ଏଠାରେ ଏମିତି ଏକ ବିରିୟାନୀ କଥା କହିବାକୁ ଯାଉଛୁ, ଯାହାର ଲୁକ୍ ଯେମିତି ସ୍ୱାଦ ଆହୁରି ଜବରଦସ୍ତ। ହେଲେ ଏହାକୁ ଖାଇବା ସମସ୍ତଙ୍କ ପକ୍ଷେ ସମ୍ଭବ ନୁହେଁ। କାରଣ ଏ ହେଉଛି ପୃଥିବୀର ସବୁଠାରୁ ମହଙ୍ଗା ବିରିୟାନୀ, ଯାହାର ଗୋଟିଏ ପ୍ଲେଟ୍‌ର ମୂଲ୍ୟ ୨୦,୦୦୦ଟଙ୍କା। ଏହାକୁ ଦୁବାଇର ଏକ ରେଷ୍ଟୁରାଣ୍ଟ ପ୍ରସ୍ତୁତ କରୁଛି। ରେଷ୍ଟୁରାଣ୍ଟର ନାମ ହେଉଛି 'ବମ୍ବେ ବୋରୋ'। ଖବର ମୁତାବକ ରେଷ୍ଟୁରାଣ୍ଟର ପ୍ରଥମ ବାର୍ଷିକୀରେ ଏହାର ମାଲିକ ଉକ୍ତ ବିରିୟାନୀକୁ ମେନ୍ୟୁରେ ସାମିଲ କରିଥିଲେ। ତେବେ ଏହି ବିରିୟାନୀକୁ ଜଣେ ଖାଇବା ସମ୍ଭବ ନୁହେଁ। ଏହାକୁ ଏକାଥରେ ୬ ଜଣ ଖାଇପାରିବେ। ଏହା ହେଉଛି ରୟାଲ ବିରିୟାନୀ, ଯାହାକୁ ୨୩ କ୍ୟାରେଟ୍ ସୁନାରେ ସଜାଯାଇଥାଏ। ଏହି ବିରିୟାନୀରେ କଶ୍ମୀରୀ ମଟନ କବାବ, ପୁରୁଣା ଦିଲ୍ଲୀ ମଟନ୍ ଚପ୍ସ, ରାଜପୁତ ଚିକେନ୍‌ର କବାବ, ମୁଗଲାଇ କୋଫ୍‌ତେ ଏବଂ ମଲାଇ ଚିକେନ୍ ଆଦି ସାମିଲ କରାଯାଇଛି। ଏହି ବିରିୟାନୀ ସହ ରାଇତା, କରି ଏବଂ ସସ୍ ବି ଦିଆଯାଏ।